୬ ନ୍ୟୁଜିଲାଣ୍ଡକୁ ୬ ୱିକେଟରେ ହରାଇଲା ଟିମ୍ ଇଣ୍ଡିଆ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
e-paper www.sambadkalika.in
TM
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୨୬୭ ● ୨୮ ଅକ୍ଟୋବର ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-267 ● 28th October 2026, Wednesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

Ministry of Home Affairs
Government of India
CBC 19101/13/0021/2627
ସବୁଠାରୁ ଶ୍ରେଷ୍ଠ ଏହି ଦେଶ
ଯାହା ହେଉଛି ସ୍ୱଦେଶ
ଆନ୍ତରିକ ସୁରକ୍ଷା ବଳକୁ ସମ୍ମାନ
ଏକ ସ୍ଥାନରେ ଏକତାର ଅନେକ ରଙ୍ଗ ଦେଖନ୍ତୁ
Rashtriya Ekta Diwas
ରାଷ୍ଟ୍ରୀୟ ଏକତା ଦିବସ
୩୧ ଅକ୍ଟୋବର, ୨୦୨୬
ଏକତା ନଗର, ଗୁଜରାଟ
ଭାରତ ପର୍ବ
୧ ରୁ ୧୫ ନଭେମ୍ବର, ୨୦୨୬
ଏକତା ନଗର, ଗୁଜରାଟ
ସୂଚନା ଏବଂ ପଞ୍ଜିକରଣ ଲିଙ୍କ ପାଇଁ rashtriyaektadiwas.comକୁ ସ୍କାନ କରନ୍ତୁ କିମ୍ବା ପରିଦର୍ଶନ କରନ୍ତୁ

ଶ୍ରୀ ନରେନ୍ଦ୍ର ମୋଦୀ
ମାନନୀୟ ପ୍ରଧାନମନ୍ତ୍ରୀ


# ଲ୍ୟାଣ୍ଡଫଲ କଲା ବାତ୍ୟା 'ଅର୍ଣ୍ଣବ'

## ଦକ୍ଷିଣ ଓଡ଼ିଶାର ୮ ଜିଲ୍ଲାକୁ ଫୋକସ୍, ଗ୍ରାଉଣ୍ଡ ଜିରୋରେ ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ୮ ମନ୍ତ୍ରୀ

ଭୁବନେଶ୍ୱର, ୨୭।୧୦

ନ୍ୟୁଜ୍ ବ୍ୟୁରୋ

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅତି ଭୀଷଣ ବାତ୍ୟା 'ଅର୍ଣ୍ଣବ' ଆସନ୍ତାକାଲି ପୂର୍ବାହ୍ନରେ ସ୍ଥଳଭାଗ ଛୁଇଁବା ନେଇ ପୂର୍ବରୁ ଆକଳନ କରାଯାଇଥିଲା। ତେବେ ଏହା ଅପେକ୍ଷାକୃତ ଶୀଘ୍ର ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି। ଏହି ସୂଚନା ଦେଇଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି।

ତାଙ୍କ ସୂଚନା ଅନୁଯାୟୀ ମଙ୍ଗଳବାର ବିଳମ୍ବିତ ରାତି ୨ଟାରୁ ଭୋର୍ ୪ଟା ମଧ୍ୟରେ ଲ୍ୟାଣ୍ଡଫଲ୍ କରିବ ବାତ୍ୟା 'ଅର୍ଣ୍ଣବ'। ମଙ୍ଗଳବାର ମଧ୍ୟରାତ୍ରୀରୁ ଲ୍ୟାଣ୍ଡଫଲ୍ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।

ବାତ୍ୟା ସ୍ଥଳଭାଗ ଛୁଇଁବାର ସମୟରେ ପରିବର୍ତ୍ତନ ଦେଖାଯାଇଥିବା ବେଳେ ଏହାର ଦିଗ ଓ ସ୍ଥାନରେ କୌଣସି ପରିବର୍ତ୍ତନ ସୂଚନା ନାହିଁ ବୋଲି କହିଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା। ଆନ୍ଧ୍ରପ୍ରଦେଶର ବାପଟାଲା ଓ ବିଶାଖାପାଟଣା ମଧ୍ୟରେ ସ୍ଥଳଭାଗ



ଛୁଇଁପାରେ।

ବାତ୍ୟା 'ଅର୍ଣ୍ଣବ' ଲଗାତାର ଦୁର୍ବଳ ହେବାରେ ଲାଗିଛି ବୋଲି ଜଣାପଡ଼ିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଏହା ଧୀରେ ଧୀରେ ଦୁର୍ବଳ ହେଉଛି। 'ଅର୍ଣ୍ଣବ'ର ଆଖି ମେଲିବା ସହ ଫାଟିବା ଆରମ୍ଭ ହୋଇଛି। ବାତ୍ୟାର ବାହ୍ୟ ବଳୟ ସ୍ଥଳଭାଗ ଛୁଇଁବା ଆରମ୍ଭ କରିଛି।

### ୨୨ ଟ୍ରେନ୍ ବାତିଲ

ଘୂର୍ଣ୍ଣିବାତ୍ୟା 'ଅର୍ଣ୍ଣବ' ଯୋଗୁଁ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି, ବିଶାଖାପାଟଣା, କିରନ୍ଦୁଲ, ଜଗଦଳପୁର, ରାଉରକେଲା, ହାୱଡ଼ା, ଭୁବନେଶ୍ୱର ଓ କୋରାପୁଟ ଆଦିକୁ ସଂଯୋଗ କରୁଥିବା କେତେକ ଏକ୍ସପ୍ରେସ୍ ଓ ପାସେଞ୍ଜର୍ ଟ୍ରେନ୍ ସେବା ୨୭ ଅକ୍ଟୋବରରୁ ୫ ନଭେମ୍ବର ମଧ୍ୟରେ ବିଭିନ୍ନ ତାରିଖରେ ବାତିଲ୍ କିମ୍ବା ନିୟନ୍ତ୍ରିତ କରାଯିବ ବୋଲି ଦକ୍ଷିଣ-ପୂର୍ବ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି।

### ବାତ୍ୟା ମୁକାବିଲା ପ୍ରସ୍ତୁତି ନିମନ୍ତେ ରାଜସ୍ୱ ମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ସମୀକ୍ଷା

ଭୁବନେଶ୍ୱର, ୨୭।୧୦

ନ୍ୟୁଜ୍ ବ୍ୟୁରୋ

ବାତ୍ୟା ଅର୍ଣ୍ଣବର ମୁକାବିଲା ନିମନ୍ତେ ରାଜୀବ ଭବନ ରାଜ୍ୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷଠାରେ ଏସଆରସି ଏବଂ ଉଚ୍ଚସ୍ତରୀୟ ଅଧିକାରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକରେ ବିସ୍ତୃତ ଆଲୋଚନା ହୋଇଯାଇଛି। ରାଜସ୍ୱ ମନ୍ତ୍ରୀ ସୂଚନା ଦେଇ କହିଛନ୍ତି ଯେ,ବିଶେଷ ଭାବେ ପ୍ରଭାବିତ ହେବା ଥିବା ଆଠଟି ଜିଲ୍ଲାକୁ ୧୯ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା । ସମସ୍ତ ଆଶ୍ରୟସ୍ଥଳୀକୁ ତୁରନ୍ତ ସୁବ୍ୟବସ୍ଥିତ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯିବା ସହ କୌଣସି ବି ପ୍ରତିକୂଳ ପରିସ୍ଥିତିକୁ ପ୍ରତିହତ କରିବା ନିମନ୍ତେ ରାଜ୍ୟସରକାର ସମ୍ପୂର୍ଣ୍ଣ ସଜାଗ ରହିଛନ୍ତି । ଜନସାଧାରଣ କେବଳ ସରକାରୀ ସୂଚନାକୁ ବିଶ୍ୱାସ କରିବା ସହ ପ୍ରଶାସନକୁ ସହଯୋଗ କରି ସମ୍ପୂର୍ଣ୍ଣ ସୁରକ୍ଷିତ ରହିବା ନିମନ୍ତେ ପରାମର୍ଶ ଦିଆଯାଇଛି । ସାଧାରଣ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି।

ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'ର ମୁକାବିଲା ଏବଂ ପ୍ରବଳ ବର୍ଷା ଆଶଙ୍କାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଏବଂ ନବରଙ୍ଗପୁର , ନୂଆପଡ଼ା, କଳାହାଣ୍ଡି ଜିଲ୍ଲା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। ବାତ୍ୟା ସମୟରେ କୌଣସି ପ୍ରକାରେ ଜୀବନହାନି ନଘଟିବା ପାଇଁ (ପୃଷ୍ଠା ୭ରେ)

## ରାଜ୍ୟ ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

# ତୃଣମୂଳସ୍ତରରେ ଦୁର୍ନୀତିକୁ ରୋକିବା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ



ଭୁବନେଶ୍ୱର, ୨୭।୧୦

ନ୍ୟୁଜ୍ ବ୍ୟୁରୋ

ସରକାର ଲୋକଙ୍କ ପାଖକୁ ଯାଉଛନ୍ତି, ଲୋକଙ୍କ କଥା ଶୁଣୁଛନ୍ତି ବୋଲି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬ କାର୍ଯ୍ୟକ୍ରମ ଅବସରରେ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଚେତାବନୀ ଦେଇ କହିଛନ୍ତି।

ସେ କହିଥିଲେ ଆମ ସରକାରଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ତୃଣମୂଳସ୍ତରରେ ଦୁର୍ନୀତିକୁ ରୋକିବା ପାଇଁ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ଜନଶୁଣାଣି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନେ ତାଙ୍କ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ସେମାନେ ସମ୍ମୁଖୀନ ହେଉଥିବା ଦୁର୍ନୀତି ବିଷୟରେ ଅବଗତ କରାଉଛନ୍ତି ଓ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଉଛି।

ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟର ଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ପଦାଧିକାରୀ ଓ ଅତିଥିମାନଙ୍କୁ ଦୁର୍ନୀତି ବିରୁଦ୍ଧରେ ସାଧୁତାର ଶପଥ ପାଠ କରାଇ କହିଥିଲେ ଯେ, ଭିଜିଲାନ୍ସ ବିଭାଗ ହେଉଛି ଗୁଡ୍ ଗଭର୍ଣ୍ଣାନ୍ସର ଆଖି ଓ କାନ। ଗୁଡ୍ ଗଭର୍ଣ୍ଣାନ୍ସ ମାନେ କେବଳ ନୀତି ଓ ଯୋଜନା ପ୍ରଣୟନ କରିବା ନୁହେଁ, ଏହାର ପ୍ରକୃତ ଅର୍ଥ ହେଉଛି ଦୁର୍ନୀତିକୁ ସମ୍ପୂର୍ଣ୍ଣ ଭାବେ ରୋକାଯାଇ ଉଦ୍ଦିଷ୍ଟ ଅର୍ଥ ଯେଉଁ କାରଣ ପାଇଁ ପ୍ରାବଧାନ କରାଯାଇଛି, ଯାହାଙ୍କ ପାଇଁ କରାଯାଇଛି, ତାଙ୍କ ପାଖରେ ପହଞ୍ଚିବାକୁ ଶତପ୍ରତିଶତ ସୁନିଶ୍ଚିତ କରିବା। ତେଣୁ ରାଜ୍ୟର ପ୍ରଗତି ସହିତ ତାଳ ମିଳାଇ ଆମ ସରକାର ଓଡିଶା ଭିଜିଲାନ୍ସକୁ ଅଧିକ ଦକ୍ଷ ଓ ଶକ୍ତିଶାଳୀ କରିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟବସ୍ଥା ପାଇଁ ତାଙ୍କୁ ଧନ୍ୟବାଦ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଟେକ୍ନୋଲୋଜିକୁ ବ୍ୟବହାର (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ସିରିଆରେ ଜୋର୍ଡାନ ଆକ୍ରମଣ, ନଅ ଜଣଙ୍କର ମୃତ୍ୟୁ।
- ତାମିଲନାଡୁର ଥେନି ଉପକାରାଗାରରୁ ୧୭ ଜଣ କଏଦୀ ଫେରାର।
- ଇସ୍ରାଏଲ୍ ରାଷ୍ଟ୍ରପତି ମତଦାନ କଲେ, ଅଧିକ ସଂଖ୍ୟାରେ ଭୋଟ୍ ଦେବାକୁ ଲୋକଙ୍କୁ କଲେ ଅପିଲ।
- ନକଲି ଭିଡିଓ ସେୟାର କରିଥିବାରୁ କଂଗ୍ରେସ ଦେଶକୁ କ୍ଷମା ମାଗିବା ଉଚିତ: ରିଜିଜୁ।
- ରାସ୍ତାର ଗୁଣବତ୍ତା ସହ ସାଲିସ୍ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ : ଗଡ଼କରୀ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୨୯ (+୫୪)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୧୩୫ (+୫୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୭୫୭ (+୫୧)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୨୦ (+୦)

## ଏସ୍‌ଆଇଆର୍ ଉପରେ ଇସିଙ୍କ ଜବାବର ଖଣ୍ଡନ ପାଇଁ ଆବେଦନକାରୀଙ୍କୁ ୧୦ ଦିନ ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୭।୧୦

ଭୋଟର ତାଲିକାର ସ୍ୱତନ୍ତ୍ର ସଂଘନ ସଂଶୋଧନ (ଏସ୍‌ଆଇଆର) ପ୍ରକ୍ରିୟାକୁ ନେଇ ଦାଏର ମାମଲାରେ ନିର୍ବାଚନ ଆୟୋଗଙ୍କ ଜବାବର ପ୍ରତିଜବାବ ଦାଖଲ କରିବା ପାଇଁ ସୁପ୍ରିମକୋର୍ଟ ମଙ୍ଗଳବାର ଆବେଦନକାରୀଙ୍କୁ ୧୦ ଦିନ ସମୟ ଦେଇଛନ୍ତି। ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ନିଷ୍ପତ୍ତିଗୁଡ଼ିକ ଆଇନସମ୍ମତ ଏବଂ ଆୟୋଗର ତିନି ସଦସ୍ୟଙ୍କ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିବା ନିର୍ବାଚନ ଆୟୋଗ ନିଜର ସତ୍ୟପାଠରେ ଦର୍ଶାଇଛନ୍ତି।

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ମୁଖ୍ୟ ଆବେଦନକାରୀ ରାକେଶ କୁମାର ସିଂହଙ୍କ ପକ୍ଷରୁ ହାଜର ବରିଷ୍ଠ ଓକିଲ ବିକାଶ ସିଂହଙ୍କୁ ଆୟୋଗଙ୍କ ଜବାବର ପ୍ରତିଜବାବ ଦାଖଲ କରିବାକୁ ଖଣ୍ଡପୀଠ (ପୃଷ୍ଠା ୭ରେ)

## ଆଇଏଏସ୍ ସ୍ତରରେ ଅଦଳ ବଦଳ

ଭୁବନେଶ୍ୱର, ୨୭।୧୦ : ନ୍ୟୁଜ୍ ବ୍ୟୁରୋ

ଆଇଏଏସ୍ ସ୍ତରରେ ରାଜ୍ୟ ସରକାର ଅଦଳ ବଦଳ କରିଛନ୍ତି। ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଖଇଛି।

ବିଜ୍ଞପ୍ତି ଅନୁଯାୟୀ ଡ. ପୋମା ଟୁଡୁଙ୍କୁ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହ ତାଙ୍କୁ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଦାୟିତ୍ୱ ମଧ୍ୟ ଦିଆଯାଇଛି। ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ସମ୍ବଲପୁର ଆରଡିସି (ଉତ୍ତରାଞ୍ଚଳ) ଦାୟିତ୍ୱ ସହ ପଶ୍ଚିମ ଓଡ଼ିଶା ଉନ୍ନୟନ ପରିଷଦ (ଡବ୍ଲ୍ୟୁଓଡିସି)ର ଅଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି।

ସେହିପରି ଶୁଭମ ସକ୍‌ସେନାଙ୍କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଉପାଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ଡ. ଗାଭାଲି ପରାଗ ହର୍ଷଦଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍‌ଏଚ୍‌ଏମ୍)ର ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଥିବା ବେଳେ ବିଜୟ ଅମୃତା କୁଲାଙ୍ଗେଙ୍କୁ ବ୍ରହ୍ମପୁର ଆରଡିସି (ଦକ୍ଷିଣାଞ୍ଚଳ) ଭାବେ ନିଯୁକ୍ତି ଦିଆଯାଇଛି।

ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କୁ ଉଦ୍ୟାନ କୃଷି ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଥିବା ବେଳେ ପ୍ରଣତି ଛୋଟରାୟଙ୍କୁ ଓମ୍‌ଫେଡ଼ର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ସୁବ୍ରତ କୁମାର ପଣ୍ଡାଙ୍କୁ ଓଡ଼ିଶା ଏଗ୍ରୋ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍‌ର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ମିଳିଛି।




## ୧୨ତମ ବ୍ରିକ୍ସ ସଂସଦୀୟ ମଞ୍ଚ ଉଦ୍‌ଯାପିତ

### ମିଳିତ ଘୋଷଣାପତ୍ର ଉପରେ ସହମତି

ନୂଆଦିଲ୍ଲୀ, ୨୭।୧୦

ଲୋକସଭା ବାଚସ୍ପତି ଓମ୍ ବିର୍ଲା ମଙ୍ଗଳବାର ବ୍ରିକ୍ସ ସଂସଦୀୟ ମଞ୍ଚର ଉଦ୍‌ଯାପନ ସମାରୋହରେ କହିଛନ୍ତି ଯେ, ଆମର ଚିନ୍ତାଧାରା ଓ ପରିସ୍ଥିତି ଭିନ୍ନ ହୋଇପାରେ, କିନ୍ତୁ ମାନବ କଲ୍ୟାଣ, ଶାନ୍ତି ଓ ସମୃଦ୍ଧି ପ୍ରତି ଆମର ପ୍ରତିବଦ୍ଧତା ସମାନ। ଏହା ହିଁ ବ୍ରିକ୍ସର ସବୁଠାରୁ ବଡ଼ ଶକ୍ତି।

ନୂଆଦିଲ୍ଲୀରେ ମଙ୍ଗଳବାର ୧୨ତମ ବ୍ରିକ୍ସ ସଂସଦୀୟ ମଞ୍ଚର ଉଦ୍‌ଯାପନ ହୋଇଛି। ଉଦ୍‌ଯାପନୀ ଅଧିବେଶନକୁ ସମ୍ବୋଧିତ କରି ଲୋକସଭା ବାଚସ୍ପତି କହିଛନ୍ତି ଯେ, ଗତ ଦୁଇ ଦିନ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସାର୍ଥକ ଆଲୋଚନା (ପୃଷ୍ଠା ୭ରେ)

## ଏକାଳ ପଖାଳ



ଏଣେ ବାତ୍ୟା ହେଲା ବେଳକୁ
ସେଣେ ନ୍ୟୁଜିଲାଣ୍ଡ ଘାଇଲା
କଳା ଟୋପି ବାଲା ଭାବନ୍ତି ବସିକି
ଟିମ୍ ବ୍ଲୁ କି ମାଇଲା ! !
ଛୁଆଖେଳ ଭଳି ବୋଲରଗୁଡାକୁ
ଟିମ୍ ଇଣ୍ଡିଆ ଧୋଇଲା।

# ଏସ୍‌ଆଇଆରରେ କଟିଲେ ଏକ କୋଟିରୁ ଅଧିକ ଭୋଟର



ବେଙ୍ଗାଲୁରୁ, ୨୭।୧୦

ଦେଶରେ ସଂଘନ ଭୋଟର ତାଲିକା ସଂଶୋଧନ(ଏସଆଇଆର)ରେ ଅନିୟମିତତା ଅଭିଯୋଗ ନେଇ ତୁମ୍ବିତୋଫାନ ଚାଲିଥିବା ବେଳେ କର୍ଣ୍ଣାଟକର ଏସଆଇଆର ରିପୋର୍ଟ ସାମ୍ନାକୁ ଆସିଛି। କର୍ଣ୍ଣାଟକରେ ୧ କୋଟିରୁ ଅଧିକ ଭୋଟରଙ୍କୁ ଲିଷ୍ଟରୁ ବାଦ ଦିଆଯାଇଛି। ମଙ୍ଗଳବାର ପ୍ରକାଶ ପାଇଥିବା ରାଜ୍ୟର ଚୂଡ଼ାନ୍ତ ଭୋଟର ତାଲିକାରେ ୪.୫୪ କୋଟି ଭୋଟରଙ୍କ ନାଁ ରହିଛି ବୋଲି ମୁଖ୍ୟ ନିର୍ବାଚନ କମିଶନ(ସିଇଓ) ସୂଚନା ଦେଇଛନ୍ତି। ମଙ୍ଗଳବାର ଏନେଇ ସିଇଓ କାର୍ଯ୍ୟାଳୟ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ କୁହାଯାଇଛି ଯେ ରାଜ୍ୟରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରସ୍ତୁତ ହେବା ବେଳକୁ ୧,୦୮,୭୬,୬୨୫ (୧.୦୮ କୋଟି) ଗଣନା ଫର୍ମକୁ ବାଦ୍ ଦିଆଯାଇସାରିଥିଲା। ଏହା ବ୍ୟତୀତ, ନୋଟିସ୍ ଜାରି କରାଯିବା ଏବଂ ଶୁଣାଣି ଶେଷ ହେବା ପରେ ୬୧,୮୬୭ ଜଣ ଭୋଟରଙ୍କୁ ଫାଇନାଲ ଲିଷ୍ଟରେ ସାମିଲ ହେବା ପାଇଁ ଅଯୋଗ୍ୟ ଘୋଷଣା କରାଯାଇଛି। ରାଜ୍ୟରେ ଏସ୍‌ଆଇଆର୍ ହେବା ପୂର୍ବରୁ ୫ କୋଟି ୫୪ ଲକ୍ଷ ୩୨ ହଜାର ୩୧୪ (୫.୫୪ କୋଟି) ଭୋଟର ଥିଲେ। ହେଲେ ଏସଆଇଆର୍ ପରେ ପଞ୍ଜିକୃତ ଭୋଟର ସଂଖ୍ୟା ହ୍ରାସ ପାଇ (ପୃଷ୍ଠା ୭ରେ)

# ବସ୍ତି ଅଞ୍ଚଳର ବର୍ଜ୍ୟ ଜଳ ଡାଇଭର୍ଟ ହେଉ

ଭୁବନେଶ୍ୱର,୨୭।୧୦

ନ୍ୟୁଜ୍‌ବ୍ୟୁରୋ

ରାଜଧାନୀ ଭୁବନେଶ୍ୱର ସହରରେ ଅବାଞ୍ଛିତ ଭାବେ ବସ୍ତି ଗଢ଼ିଉଠୁଥିବା ଯୋଗୁ ଗୁରୁତର ସମସ୍ୟାମାନ ଉପୁଜିବାରେ ଲାଗିଛି। ବସ୍ତି ଅଞ୍ଚଳରୁ ନିର୍ଗତ ଦୂଷିତ ବର୍ଜ୍ୟ ଜଳ (ଡ୍ରେନ୍ ୱାଟର) ଓ ବ୍ୟବହୃତ ଜଳ ପ୍ରାକୃତିକ ନାଳ ଦେଇ ମାଡୁଥିବା କାରଣରୁ ଯୋଜନାବଦ୍ଧ ଆବାସିକ ଅଞ୍ଚଳ ପାଇଁ ବିପଦ ସୃଷ୍ଟି କରିଛି। ଏହାଦ୍ୱାରା ପ୍ରବଳ ବର୍ଷା ସମୟରେ ଭୁବନେଶ୍ୱରର ନୀଳାଦ୍ରିବିହାର ଅଞ୍ଚଳରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏହି ଅଞ୍ଚଳରେ ବାସ କରୁଥିବା ବରିଷ୍ଠ ନାଗରିକମାନଙ୍କ ଘର ଜଳପ୍ଲାବିତ ହୋଇଯାଉଛି, ଯାହା ଫଳରେ ସେମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି ଗୁରୁତର ସମସ୍ୟାର ଦୂରୀକରଣ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ ସ୍ୱରୂପ ଉତ୍କଳ ହସ୍ପିଟାଲ ସଂଲଗ୍ନ ଦୁଇଶହ ଫୁଟିଆ ରାସ୍ତା ପାର୍ଶ୍ୱରେ ଗଢ଼ିଉଠିଥିବା ୧୦ଟି ବସ୍ତିର ନିର୍ଗତ ବର୍ଜ୍ୟ ଜଳକୁ ପ୍ରାକୃତିକ ନାଳ ଦେଇ ନୀଳାଦ୍ରିବିହାରରେ ଛାଡ଼ିବା ପରିବର୍ତ୍ତେ ପଣ୍ଡିତ ରଘୁନାଥ ମୁର୍ମୁ ଶହେ ଫୁଟିଆ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଥିବା ଡ୍ରେନ୍ ଦେଇ ଡାଇଭର୍ଟ କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ରାଜ୍ୟସରକାରଙ୍କ ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀ (ରାସ୍ତା)ଙ୍କୁ ଏନେଇ ପତ୍ର ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି (ପୃଷ୍ଠା ୭ରେ)





# ସମ୍ବଲପୁର ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚାର ଜିଲ୍ଲା ଟିମ୍‌ର ନାମ ଘୋଷଣା

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ବିଜେପି ଜିଲ୍ଲା ସଭାପତି ରାମ ଚନ୍ଦ୍ର ମେହେରଙ୍କ ଅନୁମୋଦନ କ୍ରମେ ସମ୍ବଲପୁର ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଗୁରଦୀପ ସିଂ ତାଙ୍କର ଜିଲ୍ଲା ଟିମ୍‌ର ସମସ୍ତ ପଦବୀର ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି । ବିଜେପି କ୍ଷେତ୍ରିୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ପ୍ରଦତ୍ତ ସୂଚନା ମୁତାବକ ମହମ୍ମଦ ଅନସାର କୁରେଶୀ, ଅମୃତ ପାଲ ସିଂହ ବିର୍ଦୀ, ଏମ୍.ଡି. ଇସମାଇଲ ଓ ଏମ୍.ଡି. ଆଲିମ କାମଦାରଙ୍କୁ ଉପସଭାପତି ଭାବେ ମନୋନୀତ କରାଯାଇଛି । ସେହିପରି ରାଜନ ସିଂହ ଏବଂ ଶେଖ ବରକତ ଉଲ୍ଲାହଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଥିବା ବେଳେ ରଣଜିତ ସିଂହ, ଶୀତଳ ଜୈନ, ରିଜୱାନ ଉଦ୍ଦିନ ଓ ଡେବିଡ୍ ହଂଶଙ୍କୁ ସମ୍ପାଦକ ଭାବେ ଦାୟିତ୍ୱ ମିଳିଛି । ଇନ୍ଦ୍ରଜିତ ସିଂହ ସେମ୍ବିଙ୍କୁ କୋଷାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି । ଏହା ସହିତ କବି ଟଣ୍ଡନ, ଇକବାଲ ସିଂହ, ସିରିଅସ କୁଜୁର, ମୋନୁ ଖାନ ଓ ଜନ ଲାକ୍ରାଙ୍କୁ କାର୍ଯ୍ୟକାରିଣି ସଦସ୍ୟ ଭାବେ ସାମିଲ କରାଯାଇଛି । ନୂତନ କର୍ମକର୍ତ୍ତାମାନେ ଦଳର ସାଂଗଠନିକ କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବା ସହ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ସହ ଯୋଗାଯୋଗ ଓ ଜନସେବା କାର୍ଯ୍ୟକୁ ଆଗକୁ ବଢ଼ାଇବା ସହ ଏହି କମିଟି ଘୋଷଣା ସମ୍ବଲପୁର ଜିଲ୍ଲାରେ ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚାର ସାଂଗଠନିକ କାର୍ଯ୍ୟକଳାପକୁ ନୂତନ ଗତି ମିଳିବ ବୋଲି ବିଜେପି ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି କହିଛନ୍ତି ।

# ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ଆସନ୍ତା ବାତ୍ୟା ଅର୍ଣ୍ଣବକୁ ଦୃଷ୍ଟିରେ ରଖି ଉଲୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦେବାଶିଷ ସିଂ ବୈଠକରେ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରାଜେଶ ସାହୁ ବୈଠକର ସଂଯୋଜନା କରିଥିଲେ । ସୁବର୍ଣ୍ଣପୁର ଜିଲ୍ଲାରେ କୌଣସି ବଡ଼ ଆଲର୍ଟ ନଥିଲେ ମଧ୍ୟ ସମସ୍ତ ବିଭାଗକୁ ସଂପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ୨୮ ଓ ୨୯ ତାରିଖରେ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହି ଦୁଇ ଦିନ ଜିଲ୍ଲା ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ହୋଇପାରେ । ୨୭ ତାରିଖକୁ ନିରୀକ୍ଷଣ ଦିବସ ଭାବେ ଗ୍ରହଣ କରାଯିବ । ବାତ୍ୟା ପୂର୍ବରୁ ଓ ପରେ ଉଭୟ ସମୟରେ ଜରୁରୀକାଳୀନ ପରିସ୍ଥିତି ଉପୁଜିପାରେ, ତେଣୁ ଆସନ୍ତା ସପ୍ତାହ ସାରା ସତର୍କ ରହିବାକୁ ଜିଲ୍ଲାପାଳ କହିଥିଲେ । ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ପୌରପାଳିକା ଓ NAC କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିଜ ନିଜ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ନିୟନ୍ତ୍ରଣ କକ୍ଷଗୁଡ଼ିକ ସଠିକ୍ ଭାବେ କାମ କରୁଛି କି ନାହିଁ, ତାହା କ୍ରସ୍ ଚେକ୍ ମଧ୍ୟ କରାଯିବ । ଲୋକଙ୍କୁ ସୁରକ୍ଷିତ ଭାବେ ରଖିବା ପାଇଁ ଆଗୁଆ ସମସ୍ତ ଉଦ୍ଧାର କେନ୍ଦ୍ର ଓ ଆଶ୍ରୟସ୍ଥଳୀ ସଫା ସୁତୁରା କରିବାକୁ କୁହାଯାଇଛି । ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏହି ପରିସ୍ଥିତିରେ ମୁଖ୍ୟ ଭୂମିକା ନିର୍ବାହ କରିବାକୁ ହେବ ବୋଲି କହି ପ୍ରସ୍ତୁତ ରହିବାକୁ କୁହାଯାଇଛି । ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ ଆବଶ୍ୟକୀୟ ଔଷଧର ମହଜୁତ ଯାଞ୍ଚ କରିବାକୁ ଏବଂ ସର୍ପଦଂଶନ ଘଟଣାକୁ ଦୃଷ୍ଟିରେ ରଖି ଆଣ୍ଟିଭେନମ୍ ଷ୍ଟକ୍ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆମ୍ବୁଲାନ୍ସ ଉପଲବ୍ଧ ରହିବା ସହ ଚାଳକମାନେ ସବୁବେଳେ ଡ୍ୟୁଟିରେ ରହିବା ନିଶ୍ଚିତ କରିବାକୁ କୁହାଯାଇଛି । ଟାଟା ପାୱାର (ବିଦ୍ୟୁତ୍ ବିତରଣ କମ୍ପାନୀ)କୁ ଜିଲ୍ଲାରେ ଦୀର୍ଘ ସମୟ ବିଦ୍ୟୁତ୍ ବିଚ୍ଛିନ୍ନ ନହେବା ପାଇଁ ବିକଳ୍ପ ଯୋଜନା ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ବାତ୍ୟା ଓ ପବନର ବେଗ ଯୋଗୁଁ ରାସ୍ତାରେ ପଡ଼ିଥିବା ଗଛ ଓ ଭୁଷୁଡ଼ି ପଡ଼ିଥିବା କାନ୍ଥ ହଟାଇବା ପାଇଁ ବ୍ୟବହୃତ ଉପକରଣ ଓ ଯାନବାହାନ ଆଗୁଆ ପରୀକ୍ଷା କରି ପ୍ରସ୍ତୁତ ରଖିବାକୁ ମଧ୍ୟ କୁହାଯାଇଛି । ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ଚାଉଳ ସହିତ ଚୁଡ଼ା ଓ ମୁଢ଼ି ଭଳି ଶୁଖିଲା ଖାଦ୍ୟ ଉପଲବ୍ଧ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଉଦ୍ଧାର କାର୍ଯ୍ୟ ପାଇଁ ଯାନବାହାନ ଉପଲବ୍ଧ କରାଇବାକୁ କୁହାଯାଇଛି । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରାଜେଶ ସାହୁ ସୂଚନା ଦେଇଥିଲେ ଯେ, ଉଦ୍ଧାର କାର୍ଯ୍ୟ ପାଇଁ ୫ଟି ଡଙ୍ଗା ଉପଲବ୍ଧ ଅଛି, ଯାହାକୁ କୌଣସି ଅଞ୍ଚଳ ବନ୍ୟା କବଳିତ ହେଲେ ବ୍ୟବହାର କରାଯାଇପାରିବ । ସମସ୍ତ ତହସିଲଦାରଙ୍କୁ ପଲିଥିନ୍ ସିଟ୍ ଉପଲବ୍ଧତା ସୁନିଶ୍ଚିତ କରିବାକୁ ଏବଂ ଆବଶ୍ୟକ ଲୋକଙ୍କୁ ବଣ୍ଟନରେ କୌଣସି ଅବହେଳା ନକରିବାକୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟ ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀଙ୍କୁ ଗୃହପାଳିତ ପଶୁ ଓ ପ୍ରାଣୀସମ୍ପଦର ସୁରକ୍ଷା ପାଇଁ ପଶୁ ଚିକିତ୍ସା ଔଷଧର ମହଜୁତ ରଖିବାକୁ କୁହାଯାଇଛି । ମତ୍ସ୍ୟ ଅଧିକାରୀଙ୍କୁ ମତ୍ସ୍ୟଜୀବୀ ସଂଘ ମାଧ୍ୟମରେ ସମସ୍ତ ମତ୍ସ୍ୟଜୀବୀଙ୍କୁ ସତର୍କ କରାଇ ନଦୀକୁ ନଯିବାକୁ ପରାମର୍ଶ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ, ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଉପଜିଲ୍ଲାପାଳ ବୀରମହାରାଜପୁର ସୁରେନ୍ଦ୍ର ମେହେର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଉଷାରାଣୀ ଦାସ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରାଜେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହାସହ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।







# ଗଜଲକ୍ଷ୍ମୀ ପୂଜା ପାଇଁ ଉତ୍ସବ ମୁଖର ବୌଦ୍ଧ ସହର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ସହରର ବାଘଗୁଡା ଛକରେ ଲକ୍ଷ୍ମୀବଜାର ପୂଜା କମିଟି ତରଫରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ମଧ୍ୟରାତ୍ରରୁ ଆରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ମହାନଦୀରୁ କଳସରେ ଜଳ ଆଣି ପୂଜା ସ୍ଥାନରେ ସ୍ଥାପନା କରାଯାଇ ମା' ଗଜଲକ୍ଷ୍ମୀଙ୍କ ଆରାଧନା ଓ ନୀତିକାନ୍ତିରେ ପୂଜାର୍ଚ୍ଚନା କରାଯାଇଥିଲା । କମିଟି ତରଫରୁ ପୂଜାରେ କର୍ତ୍ତାଭାବେ ପ୍ରମୋଦ କୁମାର ପରିଡା ପୂଜାରେ ବସିଥିବାବେଳେ ପୂଜକ ମାନସ ରଞ୍ଜନ ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିଲେ । ସକାଳୁ ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରିଛନ୍ତି । ଆକର୍ଷଣୀୟ ତୋରଣ ଓ ରଙ୍ଗୀନ ଆଲୋକମାଳାରେ ମା'ଙ୍କ ପୂଜା ମଣ୍ଡପ ଝଲସି ଉଠୁଛି । ମା'ଙ୍କ ଦର୍ଶନ ପାଇଁ ବୌଦ୍ଧ ସହର ତଥା ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି । କମିଟିର ସଂପାଦକ ନୀଳମାଧବ ଦାସ ଓ ସଭାପତି ପ୍ରମିଳ କୁମାର ଦଲାଲ ପୂଜା କାର୍ଯ୍ୟରେ ସମସ୍ତ ସହଯୋଗ କରୁଥିବାବେଳେ ୮ଦିନ ଧରି ଏହି ପୂଜା ଅନୁଷ୍ଠିତ ହେବ । ଚଳିତବର୍ଷ ଲକ୍ଷ୍ମୀବଜାର ଗଜଲକ୍ଷ୍ମୀ ପୂଜା ୨୮ ବର୍ଷରେ ପଦାର୍ପଣ କରିଥିବାବେଳେ ୨୯ ତାରିଖ ଗୁରୁବାର ଦିନ ୨୦,୦୦୮ ମହାଦୀପ ଯଜ୍ଞ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦେଇଛନ୍ତି । ଏହି ୮ଦିନ ମା' ଅନ୍ନପୂର୍ଣ୍ଣାଙ୍କ ନିକଟରେ ଅନ୍ନଭୋଗ ହେବାସହ ଭକ୍ତଙ୍କୁ ମଧ୍ୟ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମା'ଙ୍କ ଠାରେ କାନିକାଭୋଗ, କାକରା, ମିଠା, କ୍ଷୀରି ଭୋଗ କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯିବ । ସେହିପରି ବୌଦ୍ଧ ସହରର ବୁଟୁପାଲି ଠାରେ ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ୨୨ ତମ ଗଜଲକ୍ଷ୍ମୀ ପୂଜା ରାତିରୁ ଆରମ୍ଭ ହୋଇଛି । ସମସ୍ତ ନୀତିକାନ୍ତିରେ ପୂଜା ଆରମ୍ଭ ହୋଇଥିବାବେଳେ ପୂଜାରେ କର୍ତ୍ତା ଭାବେ କୁଞ୍ଜବିହାରୀ ମେହେର ବସିଥିବାବେଳେ ପୂଜକ ଅରୁଣ କୁମାର ପାଢୀ ପୂଜା ଦାୟିତ୍ୱ ତୁଲାଇଥିଲେ । ୬ଦିନ ଧରି ଏହି ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରତ୍ୟେକ ସନ୍ଧ୍ୟାରେ ମଙ୍ଗଳ ଆଳତୀ ଏବଂ ଗୁରୁବାର ଦିନ ୧୦,୦୦୮ ଦୀପ ଯଜ୍ଞ ଅନୁଷ୍ଠିତ ହେବ । ସେହିପରି ବାପୁଜୀନଗର ଠାରେ ମଧ୍ୟ ମା' ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ବାପୁଜୀନଗରର ଶ୍ରଦ୍ଧାଳୁମାନେ ବିଳମ୍ବିତ ରାତ୍ରୀରୁ ମା'ଙ୍କ ପୂଜାର୍ଚ୍ଚନା କରିଛନ୍ତି । ସୁନ୍ଦର ଆଲୋକମାଳା ଓ ଆକର୍ଷଣୀୟ ତୋରଣ ଓ ମା'ଙ୍କ ପ୍ରତିମୂର୍ତ୍ତିକୁ ଦର୍ଶନକରି ଶ୍ରଦ୍ଧାଳୁମାନେ ବିମୋହିତ ହୋଇଯାଇଛନ୍ତି । ଏହି ଅବସରରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି । କର୍ତ୍ତାଭାବେ ନୀଳମାଧବ ବେହେରା ସମସ୍ତ ଦାୟିତ୍ୱ ତୁଲାଉଥିବା ବେଳେ ପୂଜକ ଭାବେ ପିଣ୍ଟୁ କୁମାର ମୁଖୀ ପୂଜା କାର୍ଯ୍ୟ ତୁଲାଇଥିଲେ । ସମସ୍ତ ପୂଜା ମଣ୍ଡପରେ ଶ୍ରଦ୍ଧାଳୁମାନେ ମା' ଗଜଲକ୍ଷ୍ମୀଙ୍କ କୃପା ଲାଭ ପାଇଁ ଦର୍ଶନ କରୁଛନ୍ତି ।

# ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବାକୁ ସଂକଳ୍ପ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ (୨୬ ଅକ୍ଟୋବରରୁ ୧ ନଭେମ୍ବର ୨୦୨୬) ପାଳନ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ସାଧୁତା, ସଚ୍ଚୋଟତା, ସ୍ୱଚ୍ଛତା ଓ ଦୁର୍ନୀତିମୁକ୍ତ ପ୍ରଶାସନ ପ୍ରତି ପ୍ରତିବଦ୍ଧତା ଜଣାଇ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ, ବ୍ଲକ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କ କାର୍ଯ୍ୟାଳୟ ଏବଂ ତହସିଲ କାର୍ଯ୍ୟାଳୟଗୁଡ଼ିକରେ ଅଧିକାରୀ ଓ କର୍ମଚାରୀମାନେ ସମୂହ ଶପଥ ଗ୍ରହଣ କରିଥିଲେ । ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବା, ନିଜ ଦାୟିତ୍ୱକୁ ନିଷ୍ଠାର ସହ ନିର୍ବାହ କରିବା ଏବଂ ଦୁର୍ନୀତି ବିରୋଧରେ ଦୃଢ଼ ମନୋଭାବ ପୋଷଣ କରିବା ଏହି ଶପଥ ପାଠର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସାଧୁତା ଓ ସ୍ୱଚ୍ଛତାର ଶପଥ ପାଠ କରାଇଥିଲେ । ଏହି ସମୟରେ ସମସ୍ତେ ସରକାରୀ କାର୍ଯ୍ୟ ସମ୍ପାଦନରେ ସଚ୍ଚୋଟତା, ନିରପେକ୍ଷତା ଓ ଦାୟିତ୍ୱବୋଧକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ଦୁର୍ନୀତିରୁ ଦୂରେଇ ରହିବା ଏବଂ ଏକ ସ୍ୱଚ୍ଛ ପ୍ରଶାସନିକ ବ୍ୟବସ୍ଥା ଗଠନ ପାଇଁ ସଂକଳ୍ପବଦ୍ଧ ହୋଇଥିଲେ । ଦୁର୍ନୀତି ନିବାରଣ ସପ୍ତାହର ମୂଳ ଲକ୍ଷ୍ୟ ହେଉଛି ସରକାରୀ ଓ ସାର୍ବଜନୀନ ଜୀବନରେ ସାଧୁତାର ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା, ଦୁର୍ନୀତିର କୁପରିଣାମ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଏବଂ ପ୍ରତ୍ୟେକ ସ୍ତରରେ ଦାୟିତ୍ୱପୂର୍ଣ୍ଣ ଆଚରଣକୁ ସୁନିଶ୍ଚିତ କରିବା । ସରକାରୀ ସେବା ପ୍ରଦାନରେ ସ୍ୱଚ୍ଛତା, ଜନସାଧାରଣଙ୍କ ପ୍ରତି ଉତ୍ତରଦାୟିତ୍ୱ ଏବଂ ନିୟମ ଅନୁଯାୟୀ କାର୍ଯ୍ୟ ସମ୍ପାଦନ ଦ୍ୱାରା ପ୍ରଶାସନ ଉପରେ ଜନସାଧାରଣଙ୍କ ଆସ୍ଥାକୁ ଆହୁରି ଦୃଢ଼ କରାଯାଇପାରିବ । ଦୁର୍ନୀତିମୁକ୍ତ ସମାଜ ଗଠନ କେବଳ ପ୍ରଶାସନର ଦାୟିତ୍ୱ ନୁହେଁ; ଏଥିପାଇଁ ସମାଜର ପ୍ରତ୍ୟେକ ବର୍ଗର ସକ୍ରିୟ ସହଯୋଗ ଓ ସଚେତନତା ଆବଶ୍ୟକ । ତେଣୁ ସମସ୍ତ ଅଧିକାରୀ ଓ କର୍ମଚାରୀ ନିଜ ଦୈନନ୍ଦିନ କାର୍ଯ୍ୟରେ ସାଧୁତା ଓ ନୈତିକତାକୁ ଅନୁସରଣ କରିବା ସହ ଦୁର୍ନୀତି ବିରୋଧରେ ସଚେତନ ରହିବା ଏବଂ ଏକ ସ୍ୱଚ୍ଛ, ନିରପେକ୍ଷ ଓ ଜନକଲ୍ୟାଣକାରୀ ପ୍ରଶାସନ ଗଠନରେ ଅବଦାନ ରଖିବା ଏହି ସପ୍ତାହ ପାଳନର ମୁଖ୍ୟ ବାର୍ତ୍ତା ।

# ଦୁର୍ନୀତିମୁକ୍ତ ପ୍ରଶାସନ ଉପରେ କେନ୍ଦୁଝର ଜିଲ୍ଲା ପ୍ରଶାସନର ପ୍ରାଥମିକତା

**କେନ୍ଦୁଝର, ନ୍ୟୁଜ୍**



କେନ୍ଦୁଝର ଜିଲ୍ଲାରେ ପ୍ରଶାସନିକ ସ୍ୱଚ୍ଛତା ଏବଂ ଦୁର୍ନୀତି ନିବାରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ଦୁର୍ନୀତି ନିବାରଣ ସପ୍ତାହର ପ୍ରଥମ ଦିନରେ ଯୁଗ୍ମ ଅଭିଯୋଗ ଶୁଣାଣି ଅବସରରେ ଜିଲ୍ଲାପାଳ ବିଶାଳ ସିଂହଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି ବିରୋଧରେ ସାଧୁତାର ଶପଥ ଗ୍ରହଣ କରିଥିବା ବେଳେ ପାଟଣା ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦେଶର ପ୍ରଗତି ପାଇଁ ଦୁର୍ନୀତି ବିରୋଧରେ ଲଢ଼ିବାକୁ ସଂକଳ୍ପ ନେଇଥିବାର ଜଣାପଡିଛି । 'ଦୁର୍ନୀତି ନିବାରଣ ସପ୍ତାହ'ର ଶୁଭାରମ୍ଭ ହୋଇଥିବା ବେଳେ ଆଗାମୀ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ବିଭାଗ ତରଫରୁ ବିଭିନ୍ନ ସଚେତନତା ଓ ଦୁର୍ନୀତି ବିରୋଧୀ କାର୍ଯ୍ୟକ୍ରମମାନ ଆୟୋଜିତ ହେବ । ଜିଲ୍ଲାପାଳ ବିଶାଳ ସିଂହ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଧାମଧେରେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀ, କେନ୍ଦୁଝର, ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାୟକ ଆଦି ଉପସ୍ଥିତ ଥିଲେ । ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସାଙ୍ଗକୁ ସେମାନଙ୍କୁ ସ୍ୱଚ୍ଛ ଏବଂ ଦୁର୍ନୀତିମୁକ୍ତ ପ୍ରଶାସନିକ ସେବା ଯୋଗାଇଦେବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ଅନ୍ୟପକ୍ଷରେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍ ଠାରେ ମଧ୍ୟ ସାଧୁତା ଓ ଦୁର୍ନୀତି ନିବାରଣ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୧୧ ଟା ସମୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଳିକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମସ୍ତ ବିଭାଗ ଓ ଉପ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ । ଏଥିରେ ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡ଼ା, କିରଣ କୁମାର ନାଏକ, ଅରୁଣିମା ସାହୁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସାର୍ଥକ ରାଏ, ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକ, ସୁବ୍ରତ କୁମାର ପାତ୍ର, ସନ୍ତୋଷ କୁମାର ଜେନା, ବୈରାଗୀ ନାୟକ, ସନ୍ତୋଷ କୁମାର ପରିଡ଼ା ଓ କର୍ମଚାରୀମାନେ ଶପଥ ପାଠ କରିଥିଲେ । ଏହି ଶପଥ ପାଠ ମାଧ୍ୟମରେ ସମସ୍ତେ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ସଚ୍ଚୋଟତା ଅବଲମ୍ବନ କରିବା, ଦୁର୍ନୀତି ବିରୋଧରେ ସଚେତନ ରହିବା ଏବଂ ଏକ ସ୍ୱଚ୍ଛ, ନିରପେକ୍ଷ ଓ ଦୁର୍ନୀତିମୁକ୍ତ ପ୍ରଶାସନିକ ବ୍ୟବସ୍ଥା ଗଠନ ଦିଗରେ ନିଜର ଦାୟିତ୍ୱ ନିର୍ବାହ କରିବାକୁ ଆହ୍ୱାନ ଦିଆଯାଇଥିଲା । ଦୁର୍ନୀତି ନିବାରଣ କେବଳ ପ୍ରଶାସନର ଦାୟିତ୍ୱ ନୁହେଁ, ବରଂ ଏହା ଏକ ସାମୂହିକ ସାମାଜିକ ଦାୟିତ୍ୱ । ଏଥିପାଇଁ ସମସ୍ତଙ୍କର ସକ୍ରିୟ ସହଯୋଗ ଓ ନୈତିକ ପ୍ରତିବଦ୍ଧତା ଆବଶ୍ୟକ ବୋଲି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବାର୍ତ୍ତା ପ୍ରଦାନ କରାଯାଇଥିଲା ।

# ଅଟୋ ଦୁର୍ଘଟଣା:୨ ଅଙ୍ଗନୱାଡି କର୍ମୀ ଗୁରୁତର

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଉମରକୋଟରେ 'ବିକଶିତ ଓଡ଼ିଶା-୨.୦' କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସୁଥିବା ସମୟରେ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏଥିରେ ୨ ଜଣ ଅଙ୍ଗନୱାଡ଼ି କର୍ମୀ ଗୁରୁତର ହୋଇଥିବାବେଳେ ଜଣେ ଶିଶୁଙ୍କ ସମେତ ମୋଟ୍ ୮ ଜଣ ଆହତ ହୋଇଛନ୍ତି । ସୂଚନା ମୁତାବକ, ଉମରକୋଟ ବ୍ଲକ୍ ବେନୋର ପଞ୍ଚାୟତର ଧାର୍ଲି ଗ୍ରାମରୁ ୧୧ ଜଣ କର୍ମଚାରୀ ଏକ ଅଟୋ ଯୋଗେ ଉମରକୋଟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ଚାଲିଥିବା 'ବିକଶିତ ଓଡ଼ିଶା' କାର୍ଯ୍ୟକ୍ରମକୁ ଆସୁଥିଲେ । ତେବେ ରାସ୍ତାରେ ଅଟୋଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହି ଦୁର୍ଘଟଣାରେ ଅଙ୍ଗନୱାଡ଼ି କର୍ମୀ ଶ୍ୟାମଳୀ ଗାଇନଙ୍କ ଗୋଡ଼ ଏବଂ ବୀଣା ମଜୁମଦାରଙ୍କ ହାତ ଭାଙ୍ଗିଯାଇଛି । ସମସ୍ତ ଆହତଙ୍କୁ ପ୍ରଥମେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ଅବସ୍ଥା ଗୁରୁତର ହେବାରୁ ଶ୍ୟାମଳୀ ଗାଇନ ଏବଂ ଜଣେ ଶିଶୁଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ଏଭଳି ଏକ ସରକାରୀ ତଥା ଉତ୍ସାହଜନକ କାର୍ଯ୍ୟକ୍ରମକୁ ଆସିବା ବେଳେ ଘଟିଥିବା ଏହି ଦୁର୍ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି । ଆହତ ସମସ୍ତ କର୍ମଚାରୀ ଓ ଶିଶୁଟି ଶୀଘ୍ର ସୁସ୍ଥ ହୁଅନ୍ତୁ, ସେଥିପାଇଁ ସ୍ଥାନୀୟ ଲୋକେ କାମନା କରିଛନ୍ତି ।

# ସତର୍କତା ପାଇଁ ୬ ରେଳ କର୍ମଚାରୀ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



୨୦୨୬ ଟ୍ରେନ୍ ନିରାପତ୍ତା ସମ୍ବନ୍ଧୀୟ ସମ୍ଭାବ୍ୟ ବିପଦକୁ ଚିହ୍ନଟ କରିବାରେ ଅସାଧାରଣ ସତର୍କତା, ଉପସ୍ଥିତ ବୁଦ୍ଧି ଏବଂ କର୍ତ୍ତବ୍ୟ ପ୍ରତି ନିଷ୍ଠା ପ୍ରଦର୍ଶନ କରିଥିବା ଛଅ ଜଣ ରେଳ କର୍ମଚାରୀଙ୍କୁ ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମ୍ବର୍ଦ୍ଧିତ କରିଛନ୍ତି । ସେପ୍ଟେମ୍ବର ୨୦୨୬ରେ ସେମାନଙ୍କର ସମୟୋଚିତ ପଦକ୍ଷେପ ଓ ତ୍ୱରିତ ସୂଚନା ଯୋଗୁଁ ସମ୍ପୃକ୍ତ ରେଳ ଅଧିକାରୀମାନେ ଆବଶ୍ୟକ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିପାରିଥିଲେ । ଏହା ଫଳରେ ସମ୍ଭାବ୍ୟ ଅପ୍ରୀତିକର ଘଟଣାଗୁଡ଼ିକୁ ଏଡ଼ାଯାଇ ପାରିବା ସହ ନିରାପଦ ଓ ସୁଗମ ରେଳ ପରିଚାଳନାରେ ସତର୍କତାର ଗୁରୁତ୍ୱ ପୁନର୍ବାର ପ୍ରତିପାଦିତ ହୋଇଛି । ସମ୍ବର୍ଦ୍ଧିତ ରେଳ କର୍ମଚାରୀମାନେ ହେଲେ- ବନ୍ଦିତା ସାହୁ, ପଏଣ୍ଟସମ୍ୟାନ୍-ଏ, ମାନେଶ୍ୱର ଷ୍ଟେସନ୍, ସମ୍ବଲପୁର ମଣ୍ଡଳ । ଅଭିଜିତ ଦାସ, ଟ୍ରାକ୍ ମେଣ୍ଟେନର୍-୪, SSE/P.Way/କୋରାପୁଟଙ୍କ ଅଧୀନରେ, ରାୟଗଡ଼ା ମଣ୍ଡଳ । କୁସମାଲ ହାନ୍ତାଳ, ଟ୍ରାକ୍ ମେଣ୍ଟେନର୍-୧, SSE/P.Way/କୋରାପୁଟଙ୍କ ଅଧୀନରେ, ରାୟଗଡ଼ା ମଣ୍ଡଳ । ପେଦଲାପୁ ନୁକା ରାଜୁ, ଟ୍ରାକ୍ ମେଣ୍ଟେନର୍-୪, SSE/P.Way/କୋରାପୁଟଙ୍କ ଅଧୀନରେ, ରାୟଗଡ଼ା ମଣ୍ଡଳ । ଆଶିଷ କୁମାର ସରକାର, ଟ୍ରାକ୍ ମେଣ୍ଟେନର୍-୪, SSE/P.Way/କୋରାପୁଟଙ୍କ ଅଧୀନରେ, ରାୟଗଡ଼ା ମଣ୍ଡଳ । ଗୋପୀନାଥ ମୁଦୁଲି, ଟ୍ରାକ୍ ମେଣ୍ଟେନର୍-୩, SSE/P.Way/ଜୟପୁରଙ୍କ ଅଧୀନରେ, ରାୟଗଡ଼ା ମଣ୍ଡଳ । ନିଜ ନିଜ କର୍ତ୍ତବ୍ୟ ସମ୍ପାଦନ ସମୟରେ ଏହି ରେଳ କର୍ମଚାରୀମାନେ ପ୍ରଶଂସନୀୟ ସତର୍କତା ପ୍ରଦର୍ଶନ କରି ଟ୍ରେନ୍ ନିରାପତ୍ତା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାକୁ ତୁରନ୍ତ ସମ୍ପୃକ୍ତ ରେଳ ଅଧିକାରୀମାନଙ୍କ ଦୃଷ୍ଟିକୁ ଆଣିଥିଲେ । ସେମାନଙ୍କ ଦ୍ୱାରା ଚିହ୍ନଟ ସମସ୍ୟାଗୁଡ଼ିକ ମଧ୍ୟରେ ଟ୍ରେନ୍‌ର କୋଚ୍ ସମ୍ବନ୍ଧୀୟ ଅସ୍ୱାଭାବିକ ସ୍ଥିତି, ସମ୍ଭାବ୍ୟ ଭୂସ୍ଖଳନ, ରେଳ ଧାରଣାରେ ତ୍ରୁଟି (Disturbed track alignment) ଏବଂ ରେଳଧାରଣାରେ ପ୍ରାରମ୍ଭିକ ସ୍ତରରେ ରେଳ ବଙ୍କା ହେବାର ଲକ୍ଷଣ (Rail buckling) ଆଦି ଅନ୍ତର୍ଭୁକ୍ତ ଥିଲା । ସେମାନଙ୍କର ସମୟୋଚିତ ସୂଚନା ଫଳରେ ରେଳ କର୍ତ୍ତୃପକ୍ଷ ତୁରନ୍ତ ଆବଶ୍ୟକ ହସ୍ତକ୍ଷେପ କରିବା ସହ ଉପଯୁକ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିପାରିଥିଲେ । ଏହାଦ୍ୱାରା ଟ୍ରେନ୍ ଚଳାଚଳ ପ୍ରତି ସମ୍ଭାବ୍ୟ ବିପଦକୁ ଏଡ଼ାଇବା ସମ୍ଭବ ହୋଇପାରିଥିଲା । ଏହି ଘଟଣାଗୁଡ଼ିକ ରେଳ ନିରାପତ୍ତା ବଜାୟ ରଖିବାରେ କର୍ମଚାରୀଙ୍କ ସତର୍କତା, ପ୍ରଭାବଶାଳୀ ଯୋଗାଯୋଗ ଓ ସମୟୋଚିତ ସୂଚନା ପ୍ରଦାନର ଗୁରୁତ୍ୱକୁ ପ୍ରତିପାଦିତ କରୁଛି । ବିଶେଷକରି କ୍ଷେତ୍ରସ୍ତରରେ କାର୍ଯ୍ୟରତ ରେଳ କର୍ମଚାରୀମାନେ ଅସ୍ୱାଭାବିକ ସ୍ଥିତିକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଚିହ୍ନଟ କରିବା ଏବଂ ତୁରନ୍ତ ସମ୍ପୃକ୍ତ ଅଧିକାରୀଙ୍କୁ ଅବଗତ କରାଇବା ଦ୍ୱାରା ଦୁର୍ଘଟଣା ରୋକିବା ଓ ଟ୍ରେନ୍‌ର ସୁରକ୍ଷିତ ଚଳାଚଳ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି । କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରି ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସେମାନଙ୍କର ସତର୍କତା, କର୍ତ୍ତବ୍ୟନିଷ୍ଠା ଓ ନିଷ୍ଠାପର କାର୍ଯ୍ୟ ପ୍ରତି ଉଚ୍ଚ ପ୍ରଶଂସା କରିଥିଲେ । ଟ୍ରେନ୍ ଚଳାଚଳର ନିରାପତ୍ତା ସୁନିଶ୍ଚିତ କରିବାରେ କ୍ଷେତ୍ରସ୍ତରରେ କାର୍ଯ୍ୟରତ ରେଳ କର୍ମଚାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଉଲ୍ଲେଖ କରିବା ସହ ସମସ୍ତ କର୍ମଚାରୀଙ୍କୁ ନିଜ ନିଜ କର୍ତ୍ତବ୍ୟ ସମ୍ପାଦନ ସମୟରେ ସମାନ ସତର୍କତା, ଆନ୍ତରିକତା ଓ ନିଷ୍ଠା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ ।




# 'ବିକଶିତ ଓଡ଼ିଶା ୨.୦'ର ଶୁଭାରମ୍ଭ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ଉମରକୋଟ ସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍ ଠାରେ ସୋମବାର ଠାରୁ ତିନିଦିନିଆ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ 'ବିକଶିତ ଓଡ଼ିଶା ୨.୦'ର ଶୁଭାରମ୍ଭ ହୋଇଯାଇଛି । ସ୍ଥାନୀୟ ଯୁବକ ଓ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା, ନୂତନ ରୋଜଗାର ସୁଯୋଗ ସୃଷ୍ଟି କରିବା ଏବଂ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରିବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଲକ୍ଷ୍ୟ । ଏହି ମେଗା ପ୍ରଦର୍ଶନୀରେ MSME, ହସ୍ତଶିଳ୍ପ, ହସ୍ତବୁଣା, ମାତୃ-ଶିଶୁ ପୁଷ୍ଟିକର ଖାଦ୍ୟ, ଦୁଗ୍ଧଜାତ ଦ୍ରବ୍ୟ ଓ ବାଉଁଶ ଚାଷ ଆଧାରିତ ଶିଳ୍ପ ପ୍ରଦର୍ଶିତ ହୋଇଛି । ଆଧାର ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ହାଇଦ୍ରାବାଦରୁ ଆସିଥିବା ବିଶେଷଜ୍ଞ ଟିମ୍ ସେବା ଯୋଗାଉଛନ୍ତି । ସାଂସଦ ଇଂ. ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଯୁବ ଓ ମହିଳାମାନଙ୍କୁ ଉଦ୍ୟୋଗ ସହ ଯୋଡ଼ିବା ଆମର ପ୍ରାଥମିକତା । ଏଥିସହ ନବରଙ୍ଗପୁର ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଶେଷ ହୋଇଥିବା ଓ ଶୀଘ୍ର ରେଳ ସେବା ଆରମ୍ଭ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ଉପାନ୍ତ ଅଞ୍ଚଳରେ ଏଭଳି ଆୟୋଜନ ରାଜ୍ୟର ଦ୍ରୁତ ବିକାଶର ପ୍ରତୀକ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ବିଧାୟକ ଗୌରୀଶଙ୍କର ମାଝୀ, ନରସିଂହ ଭତ୍ରା, ନରସିଂହ ମାଡକାମୀ, SDC ଅଧ୍ୟକ୍ଷା ବାସନ୍ତୀ ମାଝୀ, CUO କୁଳପତି ଡ. ଅଜିତ ଷଡ଼ଙ୍ଗୀ, ବୈଜ୍ଞାନିକ ନାଗେଶ ବାରିକଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

**ତା୨୮।୧୦।୨୦୨୬, କାର୍ତ୍ତିକ ଦ୧୨ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୫।୪୮।୦୩ ଚନ୍ଦ୍ରୋଦୟ- ସଂଘ୬।୫୯।୧୨**

ତୃତୀୟା ରାଘ ୧୦।୯ ପର୍ଯ୍ୟନ୍ତ । କୃତ୍ତିକା ନକ୍ଷତ୍ର ଦିଘ ୧।୨୭ ପର୍ଯ୍ୟନ୍ତ । ବୃଷ ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ରାଘ ୧୦।୯ ଗତେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୦ ଗତେ ଦିଘ ୮।୦୭ ମଧ୍ୟେ । ଦିଘ ୧।୨୫ ଗତେ ଦିଘ ୩।୪୨ ମଧ୍ୟେ ।


**ମେଷ:** ଲାଗି ରହିଥିବା ବିବାଦର ସମାଧାନ ହେବ । ଭ୍ରମଣ ଯୋଗ ରହିଛି । ମହିଳାମାନେ ସଫଳତା ହାସଲ କରିବେ । ଆୟ ଯୋଗ ମଧ୍ୟ ରହିଛି । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।


**ବୃଷ:** ଶରୀର ସୁସ୍ଥ ରହିବ । ଦେହ ଓ ମନ ଭଲ ରହିବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଘରେ ଆନନ୍ଦ ଦେଖାଦେବ । କର୍ମକ୍ଷେତ୍ରରେ ସଫଳତା ହାସଲ ହେବ । ଦେବ ଦର୍ଶନ ସହ ପୂଜା ମଧ୍ୟ କରିପାରନ୍ତି ।


**ମିଥୁନ:** ସାଧନାରେ ସିଦ୍ଧି ଲାଭ କରିବେ । କର୍ମକ୍ଷେତ୍ରରେ ନୂତନ କର୍ମାରମ୍ଭ କରିପାରନ୍ତି । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ଘରେ ଶାନ୍ତିର ବାତାବରଣ ରହିବ । ପିଲାମାନେ ପାଠପଢ଼ାରେ ମନଦେବେ ।


**କର୍କଟ:** ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ । ଅର୍ଥ ପ୍ରାପ୍ତି ହୋଇପାରେ । ବ୍ୟବସାୟରେ ଲାଭବାନ୍ ହେବେ । ଦୂରଯାତ୍ରା କରି ସଫଳତା ହାସଲ କରିବେ । ବନ୍ଧୁଙ୍କ ଦର୍ଶନ ସହିତ ଖୁସି ଜମିବ ।


**ସିଂହ:** ସାମାଜିକ ସ୍ତରରେ ମାନ ସମ୍ମାନ ବୃଦ୍ଧି ହେବ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଆୟର ପରିମାଣ ସ୍ଥିର ରହିବ । ଘରେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହୋଇପାରନ୍ତି ।


**କନ୍ୟା:** ସମସ୍ତ କ୍ଷେତ୍ରରେ ବିଜୟ ହାସଲ କରିବେ । ନୂତନ କର୍ମାରମ୍ଭ ମଧ୍ୟ କରିପାରନ୍ତି । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଶୁଭ ଖବର ମଧ୍ୟ ପାଇପାରନ୍ତି ।


**ତୁଳା:** ମାନସିକ ଦୁଶ୍ଚିନ୍ତାର ଅନ୍ତ ଘଟିବ । ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ଚାକିରୀ କ୍ଷେତ୍ରରେ ଲାଭବାନ ହେବେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଶରୀର ସୁସ୍ଥ ରହିବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।


**ବିଛା:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ । ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ଖର୍ଚ୍ଚର ମାତ୍ରା ଅଧିକ ହେବ । ପାରିବାରିକ କଳହ ଓ ଅଶାନ୍ତି ଦେଖାଦେବାର ସୂଚନା ରହିଛି ।


**ଧନୁ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ପରୋପକାର କରି ଆନନ୍ଦିତ ହେବେ । ରୋଜଗାର ଭଲ ହେବ । ଘରେ ଆନନ୍ଦ ଦେଖାଦେବ । ଦେବ ଦର୍ଶନ ସହିତ ଭ୍ରମଣ କରିବାର ସୁଯୋଗ ।


**ମକର:** ଦେହ ଭଲ ରହିବ । ଆୟ ପରିମାଣ ବଢ଼ିବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ବନ୍ଧୁ ଦର୍ଶନ ସହିତ ଆମୋଦ ପ୍ରମୋଦରେ ଦିନଟି ବିତିବ ।


**କୁମ୍ଭ:** ବ୍ୟବସାୟରେ ସଫଳତା ମିଳିବ । ମାଲିମୋକଦ୍ଦମା କ୍ଷେତ୍ରରେ ସଫଳତା ହାସଲ ହେବ । ଶୁଭ ଖବର ପାଇ ଆନନ୍ଦିତ ହୋଇପାରନ୍ତି । ଆର୍ଥିକ ସ୍ଥିତି ଭଲ ରହିବ । ଘରେ ସୁଖ ଶାନ୍ତି ଲାଭ କରିବେ ।


**ମୀନ:** ସାମାଜିକ ସ୍ତରରେ ସମ୍ମାନିତ ହେବେ । କାର୍ଯ୍ୟକ୍ଷେତ୍ରରେ ଲାଭବାନ୍ ହେବେ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ମହିଳାମାନେ ସୁଖୀ ହେବେ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଆୟ ଯୋଗ ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

**ତା୨୯।୧୦।୨୦୨୬, କାର୍ତ୍ତିକ ଦ୧୩ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୫।୪୮।୨୮ ଚନ୍ଦ୍ରୋଦୟ- ରାଘ୮।୦୨।୨୪**

ଚତୁର୍ଥୀ ରାଘ ୧୦।୧୨ ପର୍ଯ୍ୟନ୍ତ । ରୋହିଣୀ ନକ୍ଷତ୍ର ଦିଘ ୧୧।୧୫ ପର୍ଯ୍ୟନ୍ତ । ବୃଷ ଚନ୍ଦ୍ର ରାଘ ୧୦।୦୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ, ମୀନ ରାଶିର । ରାଘ ୧୦।୦୮ ଗତେ ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ବିଛା ରାଶିର । ରାଘ ୧୦।୦୮ ଗତେ କନ୍ୟା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ରାଘ ୧୦।୧୨ ଗତେ ବେଲ ଓ ପଣସ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୧ ଗତେ ଦିଘ ୭।୨୨ ମଧ୍ୟେ ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ଅକ୍ଟୋବର ୨୦୨୬ ବୁଧବାର

# ଆଭା

## ଲୁଣ-କ୍ଷୀର ହାତରୁ ଖସିବା ଅଶୁଭ

ଲୁଣ-ଲୁଣକୁ ଶୁଦ୍ଧତା ଓ ସମୃଦ୍ଧିର ପ୍ରତୀକ ବୋଲି କୁହାଯାଏ।ଖାଦ୍ୟ ପ୍ରସ୍ତୁତି ସମୟରେ ହାତରୁ ବାରମ୍ବାର ଲୁଣ ଖସି ତଳେ ପଡିବା ଶୁଭଙ୍କର ନୁହେଁ। ଏହା ଆର୍ଥିକ କ୍ଷେତ୍ରରେ କ୍ଷତି ହେବାର ସଙ୍କେତ ଦେଇଥାଏ।ଏହାସହ ଗୃହରେ କଳହ ମଧ୍ୟ ହୋଇଥାଏ। ପୂର୍ବପୁରୁଷ ଅସନ୍ତୋଷ ଥିବାର ମଧ୍ୟ ଏହା ସଙ୍କେତ ଦେଇଥାଏ। କ୍ଷୀର- ରୋଷେଇ ଘରେ ବାରମ୍ବାର ହାତରୁ କ୍ଷୀର ଖସିବା ମଧ୍ୟ ଶୁଭଙ୍କର ନୁହେଁ। ଏହା ପୂର୍ବପୁରୁଷ ଅସନ୍ତୁଷ୍ଟ ଥିବାର ସଙ୍କେତ ଦେଇଥାଏ। ତେଣୁ ଏହାକୁ ଅଣଦେଖା କରନ୍ତୁ ନାହିଁ। ପୂର୍ବପୁରୁଷ ଶାନ୍ତି ପାଇଁ ଦାନ ସହ ପଣ୍ଡିତଙ୍କ ପରାମର୍ଶ ନିଅନ୍ତୁ। କ୍ଷୀର ହାତରୁ ବାରମ୍ବାର ଖସିଲେ କାର୍ଯ୍ୟରେ ଅସଫଳତା ସହ ବାଧା ଲାଗି ରହିଥାଏ।

## ବିଷ୍ଣୁ ବି ସୂର୍ଯ୍ୟ, ସେ ମଧ୍ୟ ପଞ୍ଚଦେବତା

> ସୌରାଷ୍ଟ ଶୈବା ଗଣେଶା ବେଷ୍ଣବାଃ ଶକ୍ତିପୂଜକାଃ ।
> ମାମେବ ପ୍ରାପ୍ନୁବନ୍ତୀହ ବର୍ଷାପଃ ସାଗରଂ ଯଥା ।।
> ଏକୋଽହଂ ପଞ୍ଚଧା ଜାତଃ କ୍ରୀଡ଼ୟା ନାମାଭିଃ କିଲ।
> ଦେବଦତ୍ତୋ ଯଥା କଶ୍ଚିତ୍ ପୁତ୍ରା ଦ୍ୟାହାନନାମଭିଃ।।
> -ପଦ୍ମପୁରାଣ, ଉତ୍ତରଖଣ୍ଡ, ୧୮୬ ଅଧ୍ୟାୟ



ହିନ୍ଦୁ ଧର୍ମଧାରାରେ ପଞ୍ଚଦେବତା ଉପାସନା ପ୍ରଚଳିତ। ଏହି ପଞ୍ଚ ଦେବତା ହେଉଛନ୍ତି ଗଣେଶ, ନାରାୟଣ, ରୁଦ୍ର, ଅମ୍ବିକା ଓ ଭାସ୍କର। ଏମାନଙ୍କୁ ଏକ ଅପରଠାରୁ ଭିନ୍ନ ଭାବେ ବିବେଚନା ନ କରିବାପାଇଁ ଶାସ୍ତ୍ରରେ ନିର୍ଦ୍ଦେଶ ଅଛି। ଏ ପ୍ରସଙ୍ଗ ସତ୍ୟଯୁଗର ଶେଷଭାଗର ଗୋଟିଏ ଉପାଖ୍ୟାନରେ, 'ପଦ୍ମପୁରାଣ'ରେ ମଧ୍ୟ ବର୍ଣ୍ଣିତ ହୋଇଛି। ସତ୍ୟଯୁଗର ଶେଷଭାଗରେ ଦେବଶର୍ମା ନାମରେ ଜଣେ ବ୍ରାହ୍ମଣ ପ୍ରତିଦିନ ସୂର୍ଯ୍ୟ ଉପାସନା କରିବା ଫଳରେ ସୂର୍ଯ୍ୟଙ୍କ ପରି ତେଜସ୍ୱୀ ହୋଇଥିଲେ। ତାହା ଫଳରେ ଭଗବାନ ବିଷ୍ଣୁ ତାଙ୍କ ପ୍ରତି ଅତ୍ୟନ୍ତ ପ୍ରୀତ ଥିଲେ। ସେହି ପ୍ରସଙ୍ଗରେ ବର୍ଣ୍ଣିତ ହୋଇଛି ଉପରୋକ୍ତ ସୁଭାଷିତ। ଏହି ସୁଭାଷିତରେ ଭଗବାନ ବିଷ୍ଣୁ କହିଛନ୍ତି- ଯେ ସୂର୍ଯ୍ୟ, ଶିବ, ଗଣେଶ, ଓ ଶକ୍ତିଙ୍କର ଉପାସନା କରନ୍ତି, ସେ ମୋତେ ମଧ୍ୟ ଲାଭ କରିଥାନ୍ତି। ଯେପରି ବର୍ଷା ଜଳ ସବୁଆଡୁ ସମୁଦ୍ରକୁ ହିଁ ପ୍ରବାହିତ ହୋଇ ଆସିଥାଏ, ସେହିପରି ପଞ୍ଚଦେବତାଙ୍କର ଉପାସକମାନେ ମୋ ପାଖକୁ ହିଁ ଆସିଥାନ୍ତି। ମୁଁ ଏକ ଓ ଅଭିନ୍ନ। କିନ୍ତୁ ଲୀଳା ଅନୁସାରେ ମୁଁ ଭିନ୍ନ ଭିନ୍ନ ନାମ ଧରି ପାଞ୍ଚ ରୂପରେ ପ୍ରକଟ ହୋଇଥାଏ। ଦେବଦତ୍ତ ନାମକ କୌଣସି ବ୍ୟକ୍ତିଙ୍କୁ ଯେପରି ପୁତ୍ର, ପିତା ଆଦି ଭିନ୍ନ ଭିନ୍ନ ନାମରେ ଡକାଯାଇପାରେ, ଏହା ଠିକ୍ ସେହିପରି। ଏହା ସ୍ପଷ୍ଟ ସୂଚାଏ- ଯେ ବିଷ୍ଣୁ, ସେ ମଧ୍ୟ ସୂର୍ଯ୍ୟ। ସେ ମଧ୍ୟ ଉପରୋକ୍ତ ପଞ୍ଚଦେବତା।

## କାର୍ତ୍ତିକ ମାସ ଏକ ଶ୍ରେଷ୍ଠ ମାସ



କାର୍ତ୍ତିକ ମାସ କାହିଁକି ବିଷ୍ଣୁଙ୍କର ପ୍ରିୟ ମାସ? ପୁଣି କାହିଁକି ଏହା ଏକ ଶ୍ରେଷ୍ଠ ମାସ? ଏହାର ଉତ୍ତର ଅଛି 'ପଦ୍ମପୁରାଣ'ର 'ଉତ୍ତରଖଣ୍ଡ'ରେ। ଏକଦା ରାଜା ପୃଥୁଙ୍କ ପ୍ରଶ୍ନରେ ନାରଦ ତାଙ୍କୁ ଯାହା କହିଥିଲେ, ସତ୍ୟଭାମାଙ୍କ ପ୍ରଶ୍ନରେ ଶ୍ରୀକୃଷ୍ଣ ତାଙ୍କୁ ସେହି କଥା କହିଛନ୍ତି। ସେହି ପ୍ରସଙ୍ଗରେ ଆସିଛି ଶଙ୍ଖାସୁର କଥା। ପୂର୍ବକାଳରେ ଶଙ୍ଖାସୁର ନାମରେ ଥିଲା ଏକ ମହା ପରାକ୍ରମୀ ଅସୁର। ସେ ସ୍ୱର୍ଗରାଜ୍ୟ ଆକ୍ରମଣ କରି ଦେବତାମାନଙ୍କୁ ସ୍ୱର୍ଗଚ୍ୟୁତ କଲା। ତା'ପରେ ତା'ର ମନକୁ ଆସିଲା- ବେଦମନ୍ତ୍ର ବଳରେ ଦେବତାମାନେ ପ୍ରବଳ ହେଉଛନ୍ତି। ବେଦକୁ ଅପହରଣ କରିନେଲେ ସେମାନେ ନିର୍ବଳ ଓ ତେଜହୀନ ହୋଇଯିବେ। ଏହା ଭାବି ସେ ବେଦ ହରଣ କରିନେଲା। ତାହା ଜାଣି ବ୍ରହ୍ମାଙ୍କ ସହିତ ଦେବତାମାନେ ଯାଇ ଭଗବାନ ବିଷ୍ଣୁଙ୍କର ଶରଣ ନେଲେ ଏବଂ ତାଙ୍କୁ ବେଦ ଉଦ୍ଧାର କରିବା ପାଇଁ ପ୍ରାର୍ଥନା କଲେ। ତାହା ଫଳରେ ବିଷ୍ଣୁ ମତ୍ସ୍ୟାବତାରରେ ଆବିର୍ଭୂତ ହୋଇ ବେଦ ଉଦ୍ଧାର କରିବେ ବୋଲି ସେମାନଙ୍କୁ କହିଲେ। ମତ୍ସ୍ୟାବତାର ଭଗବାନ ବିଷ୍ଣୁଙ୍କର ଆଦ୍ୟ ଅବତାର। ଶଙ୍ଖାସୁର ଥିଲା ସମୁଦ୍ରପୁତ୍ର। ତେଣୁ ସେ ବେଦହରଣ କରିନେଇ ସମୁଦ୍ର ଗର୍ଭରେ ଲୁଚାଇ ରଖିଥିଲା। ସେଥିପାଇଁ ବିଷ୍ଣୁ ମତ୍ସ୍ୟ ଅବତାର ହିଁ ଗ୍ରହଣ କରିଥିଲେ। 'ପଦ୍ମପୁରାଣ'ରେ ବର୍ଣ୍ଣିତ ଥିବା ଦେବର୍ଷି ନାରଦଙ୍କ ଉକ୍ତି ଅନୁସାରେ- ଭଗବାନ ବିଷ୍ଣୁ ଏକ କ୍ଷୁଦ୍ର ମୀନ ରୂପରେ ସ୍ୱର୍ଗଲୋକରୁ ଆସି ବିନ୍ଧ୍ୟପର୍ବତ ନିବାସୀ କଶ୍ୟପ ମୁନିଙ୍କ ଆଞ୍ଜୁଳିର ଜଳରେ ଆବିର୍ଭୂତ ହୋଇଥିଲେ। ସେ ଦ୍ରୁତ ବଡ଼ରୁ ବଡ଼ ହେବାରେ ଲାଗିବାରୁ କଶ୍ୟପ ତାଙ୍କୁ ଆଞ୍ଜୁଳିରୁ କମଣ୍ଡଳୁକୁ, କମଣ୍ଡଳରୁ କୂପକୁ, କୂପରୁ ପୁଷ୍କରିଣୀକୁ- ଏହିପରି କ୍ରମେ ବଡ଼ରୁ ବଡ଼ ଜଳାଶୟରେ ରଖିବା ପରେ, ଶେଷରେ ତାଙ୍କୁ ନେଇ ସମୁଦ୍ରରେ ଛାଡ଼ିଥିଲେ। ତାହା ପରେ, ବିଶାଳ ମତ୍ସ୍ୟରୂପରେ ସେ ଶଙ୍ଖାସୁରକୁ ନିହତ କଲେ ଏବଂ ତାହାକୁ ହାତରେ ଧରି ବଦ୍ରିବନ ଚାଲିଯାଇଥିଲେ। ତାଙ୍କ ନିର୍ଦ୍ଦେଶରେ ଋଷିମାନେ ଯାଇ ସମୁଦ୍ରରୁ ବେଦ ଉଦ୍ଧାର କରି ଆଣିଥିଲେ। ଶଙ୍ଖାସୁର ସମୁଦ୍ର ମଧ୍ୟରେ ବେଦକୁ ବିକ୍ଷିପ୍ତ କରି ରଖିଥିବାରୁ, ଯେଉଁ ଋଷି ଯଜ୍ଞ ଓ ବୀଜ ସହିତ ଯେଉଁ ବେଦମନ୍ତ୍ରର ଉଦ୍ଧାର କଲେ, ତାହାଙ୍କୁ ସେହି ବେଦାଂଶର ଋଷି ଆଖ୍ୟା ଦିଆଗଲା। ତାହା ପରେ ସେମାନେ ଯାଇ ପ୍ରୟାଗଠାରେ ସମଗ୍ର ବେଦକୁ ଭଗବାନ ବିଷ୍ଣୁଙ୍କୁ ଅର୍ପଣ କରିଥିଲେ। ବ୍ରହ୍ମା ବେଦ ଫେରିପାଇ ଆନନ୍ଦିତ ହୋଇଥିଲେ। ଦେବତାମାନେ ମଧ୍ୟ ତାଙ୍କର ପୂର୍ବ ତେଜ ଫେରି ପାଇଥିଲେ।

## କାର୍ତ୍ତିକ ମାସରେ ତୁଳସୀ ପୂଜା ଫଳଦାୟୀ



ଧାର୍ମିକ ବିଶ୍ୱାସ ଅନୁସାରେ , କାର୍ତ୍ତିକ ମାସରେ ତୁଳସୀ ପୂଜା କରିବା ଦ୍ୱାରା ଭଗବାନ ବିଷ୍ଣୁଙ୍କର ବିଶେଷ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ । କିନ୍ତୁ ପୂଜା ସମୟରେ କିଛି ଭୁଲ୍ କରିବାରୁ ଦୂରେଇ ରହିବା ନିହାତି ଜରୁରୀ । ଆସନ୍ତୁ ଜାଣିବା, କାର୍ତ୍ତିକ ମାସରେ ତୁଳସୀ ପୂଜାର ନିୟମ ଓ ତୁଳସୀ ଗଛ ପାଖରେ ସକାଳ-ସନ୍ଧ୍ୟାରେ ପୂଜାର୍ଚ୍ଚନା କରିବାର ଧାର୍ମିକ ମହତ୍ତ୍ୱ କ'ଣ ? ପଞ୍ଜିକା ଅନୁଯାୟୀ, ୨୦୨୬ ମସିହାରେ ଉତ୍ତର ଭାରତରେ କାର୍ତ୍ତିକ ମାସର ଆରମ୍ଭ ଅକ୍ଟୋବର ୨୭ରୁ ହେଉଛି ଏବଂ ନଭେମ୍ବର ୨୪ କାର୍ତ୍ତିକ ପୂର୍ଣ୍ଣମା ଦିନ ଏହାର ସମାପନ ହେବ । ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ପୂଜା-ପାଠ, ଦାନ-ପୁଣ୍ୟ, ସ୍ନାନ ଏବଂ ଭଗବାନ ବିଷ୍ଣୁଙ୍କ ଆରାଧନା ପାଇଁ ଖୁବ୍ ସ୍ୱତନ୍ତ୍ର ମନେକରାଯାଏ । ଏହି ମାସରେ ତୁଳସୀ ପୂଜାର ମଧ୍ୟ ବିଶେଷ ମହତ୍ତ୍ୱ ରହିଛି । କାର୍ତ୍ତିକ ମାସରେ ସକାଳୁ ଶୀଘ୍ର ଉଠି ସ୍ନାନ କରିବା ଏବଂ ସଫା ବସ୍ତ୍ର ପରିଧାନ କରି ପୂଜା-ପାଠ କରିବାର ପରମ୍ପରା ରହିଛି । ତୁଳସୀ ପୂଜା କରିବା ପୂର୍ବରୁ ଗଛ ଚାରିପାଖର ସ୍ଥାନକୁ ସଫା କରି ନିଅନ୍ତୁ । ଏହାପରେ ହାତ ଯୋଡ଼ି ମା' ତୁଳସୀଙ୍କୁ ଧ୍ୟାନ କରନ୍ତୁ ଏବଂ ଶ୍ରଦ୍ଧାର ସହ ପୂଜା କରନ୍ତୁ । କାର୍ତ୍ତିକ ମାସରେ ସନ୍ଧ୍ୟା ସମୟରେ ତୁଳସୀ ଗଛ ପାଖରେ ଦୀପ ଜାଳିବାର ବିଶେଷ ପରମ୍ପରା ରହିଛି । ମାନ୍ୟତା ରହିଛି ଯେ ଏପରି କରିବା ଦ୍ୱାରା ଘରେ ସକାରାତ୍ମକତା ଏବଂ ସୁଖ-ସମୃଦ୍ଧି ଆସିଥାଏ । ହିନ୍ଦୁ ଧାର୍ମିକ ମାନ୍ୟତାରେ ତୁଳସୀ ପତ୍ରକୁ ପବିତ୍ର ବୋଲି ମନେକରାଯାଏ । ତେଣୁ ପତ୍ର ଛିଣ୍ଡାଇବା ସମୟରେ ବିଶେଷ ସାବଧାନତା ଅବଲମ୍ବନ କରିବାର ପରମ୍ପରା ରହିଛି । କେତେକ ମାନ୍ୟତା ଅନୁଯାୟୀ, ରବିବାର, ଏକାଦଶୀ ଏବଂ ସୂର୍ଯ୍ୟାସ୍ତ ପରେ ତୁଳସୀ ପତ୍ର ଛିଣ୍ଡାଇବା ଉଚିତ୍ ନୁହେଁ । ପୂଜା ପାଇଁ ତୁଳସୀ ପତ୍ରର ଆବଶ୍ୟକତା ଥିଲେ, ପୂର୍ବରୁ ଛିଣ୍ଡାଇ କୌଣସି ପବିତ୍ର ସ୍ଥାନରେ ରଖି ପାରିବେ । କାର୍ତ୍ତିକ ମାସ ଭଗବାନ ବିଷ୍ଣୁଙ୍କ ଆରାଧନା ପାଇଁ ବିଶେଷ ଭାବେ ଗ୍ରହଣ କରାଯାଏ । ଏହି ସମୟରେ ତୁଳସୀ ପାଖରେ ବସି ଭଗବାନ ବିଷ୍ଣୁଙ୍କ ମନ୍ତ୍ର ଜପ, ବିଷ୍ଣୁ ସହସ୍ରନାମ ପାଠ କିମ୍ବା ନିଜ ଶ୍ରଦ୍ଧା ଅନୁସାରେ ପ୍ରାର୍ଥନା କରି ପାରିବେ । କିଛି ଲୋକ ଏହି ମାସରେ ପ୍ରତିଦିନ ତୁଳସୀ ପାଖରେ ଦୀପ ଜାଳି ଭଗବାନ ବିଷ୍ଣୁ ଓ ମା' ଲକ୍ଷ୍ମୀଙ୍କ ନିକଟରେ ପରିବାରର ସୁଖ-ଶାନ୍ତି ପାଇଁ କାମନା କରିଥାନ୍ତି । ହିନ୍ଦୁ ଧର୍ମରେ ତୁଳସୀଙ୍କୁ ଭଗବାନ ବିଷ୍ଣୁଙ୍କ ପ୍ରିୟ ବୋଲି କୁହାଯାଏ । ଏହି କାରଣରୁ କାର୍ତ୍ତିକ ମାସରେ ତୁଳସୀ ପୂଜା, ଦୀପଦାନ ଏବଂ ଭଗବାନ ବିଷ୍ଣୁଙ୍କ ସ୍ମରଣ ପରମ୍ପରାର ବିଶେଷ ମହତ୍ତ୍ୱ ରହିଛି । ମାନ୍ୟତା ରହିଛି ଯେ ଏହି ମାସରେ ଶ୍ରଦ୍ଧାର ସହ ପୂଜା କରିବା ଦ୍ୱାରା ଘରେ ସୁଖ-ଶାନ୍ତି ଏବଂ ସମୃଦ୍ଧି ବଜାୟ ରହେ।

### ମାନ୍ଧାତା ଦ୍ୱୀପରେ ଅବସ୍ଥିତ 'ଓଁକାରେଶ୍ୱର'ର ସ୍ୱତନ୍ତ୍ର ବୈଶିଷ୍ଟ୍ୟ

ଓଁକାରେଶ୍ୱରର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ହେଉଛି ଏଠାରେ ଅବସ୍ଥିତ ମାନ୍ଧାତା ଦ୍ୱୀପ। ଏହା ବିଶ୍ୱାସ କରାଯାଏ ଯେ ଉପରୁ ଦେଖିଲେ, ଦ୍ୱୀପର ଆକୃତି 'ଓମ୍' (ଓମ୍) ଆକୃତି ସହିତ ସଦୃଶ। ଏହା ସ୍ଥାନର ଧାର୍ମିକ ଗୁରୁତ୍ୱକୁ ଆହୁରି ବୃଦ୍ଧି କରେ। ପୌରାଣିକ କଥା ଅନୁସାରେ ରାଜା ମାନ୍ଧାତା ଭଗବାନ ଶିବଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହି ପର୍ବତରେ କଠୋର ତପସ୍ୟା କରିଥିଲେ। କୁହାଯାଏ ଯେ ତାଙ୍କ ତପସ୍ୟାରେ ପ୍ରସନ୍ନ ହୋଇ ଭଗବାନ ଶିବ ତାଙ୍କ ସମ୍ମୁଖରେ ପ୍ରକଟ ହୋଇଥିଲେ। ଏହି ଧାର୍ମିକ ବିଶ୍ୱାସ ଓଁକାରେଶ୍ୱର ଧାମ ନାମକରଣ କରିଥିଲା।

## ଫଳରେ ବୋଳା ହେଉଛି ବିଷାକ୍ତ ରାସାୟନିକ ପଦାର୍ଥ : ଖାଇଲେ ମୃତ୍ୟୁ ନିଶ୍ଚିତ



ରାଉରକେଲା ସହରର ପ୍ରମୁଖ ରାସ୍ତା କଡ଼ରେ ଏବେ ପାଚିଲା ଫଳର ବଜାର। ବ୍ୟବସାୟୀମାନେ ପାଚିଲା ଅମୃତଭଣ୍ଡା, ପାଚିଲା କଦଳୀ, ଲାଲ ଟୁକୁ ଟୁକୁ ସେଓ ଭଳି ନାନା ପ୍ରକାରର ଫଳକୁ ସଜାଇ ଗ୍ରାହକଙ୍କୁ ଆକର୍ଷିତ କରୁଛନ୍ତି । ଡାକ୍ତରଙ୍କ ମତ ଅନୁଯାୟୀ ପ୍ରତିଦିନ ଗୋଟିଏ ସେଓ ଶରୀରକୁ ସୁସ୍ଥ ରଖିଥାଏ । ତେଣୁ ଗ୍ରାହକ ମଧ୍ୟ ଫଳ ଟିକେ ଖାଇଲେ ଦେହ ସୁସ୍ଥ ରହିବ ଭାବି କିଣି ନେଉଛନ୍ତି । କିନ୍ତୁ ଏହି ଫଳ ଶରୀର ପ୍ରତି କେତେ ସୁରକ୍ଷିତ ସେଥିପ୍ରତି କେହି ସଚେତନ ରହୁ ନାହାନ୍ତି। ସଚେତନତା ଅଭାବରୁ ଅନେକ ସମୟରେ ଗ୍ରାହକ ରାସାୟନିକ ପ୍ରଲେପ ବୋଳା ହୋଇଥିବା ଫଳ ଘରକୁ ନେଇ ଖାଉଛନ୍ତି। ଦୀର୍ଘଦିନ ଧରି ରାସାୟନିକଯୁକ୍ତ ଫଳ ଖାଇଲେ, ତା'ର ପାର୍ଶ୍ୱପ୍ରତିକ୍ରିୟା ଶରୀରରେ ଦେଖା ଦେଉଥିବା ନଜିର ରହିଛି ।

ସହରକୁ ଆବଶ୍ୟକ ପଡୁଥିବା ପରିମାଣର ପାଚିଲା କଦଳୀ ଆସିବା ଅସମ୍ଭବ । ଏଣୁ ବ୍ୟବସାୟୀମାନେ ଦର ପାଚିଲା କଦଳୀ ଆଣି ତାକୁ ରାତାରାତି ରାସାୟନିକ ପାଣିରେ ଧୋଇ ଟାଙ୍ଗି ଦେଉଛନ୍ତି । ରାତି ପାହିବା ବେଳକୁ ହଳଦିଆ କଦଳୀ ଗ୍ରାହକଙ୍କ ଘରକୁ ଯିବାକୁ ଅପେକ୍ଷା କରି ରହୁଛି । ସେହିପରି ଦର ପାଚିଲା ଅମୃତ ଭଣ୍ଡାକୁ ରାସାୟନିକଯୁକ୍ତ ପାଣିରେ ବୁଡାଇ ତାକୁ କାଗଜରେ ଗୁଡାଇ ରଖି ଦିଆଯାଉଛି। ମାତ୍ର କେଇ ଘଣ୍ଟା ମଧ୍ୟରେ ଉକ୍ତ ଅମୃତଭଣ୍ଡା ଉପରୁ ହଳଦିଆ ଏବଂ ଭିତରୁ ଲାଲ ଟହଟହ ହୋଇଯାଉଛି। ଏପରିକି ବ୍ୟବସାୟୀମାନେ ଆଣୁଥିବା ସେଓ ପ୍ରାୟ ଦୁଇ ମାସ ରହିଲେ ମଧ୍ୟ ତାହା ଖରାପ ହେଉ ନାହିଁ । ଏହା ଉପରେ ମହମ ପ୍ରଲେପ ଦିଆଯାଉଥିବାରୁ ଉପରୁ ଏହା ଚକାଚକ୍ ଏବଂ ଲାଲ ଟହଟହ ଦେଖା ଯାଉଛି । ୨୦୦୬ ଫୁଡ୍ ସେଫ୍ଟି ଆଣ୍ଡ୍ ଷ୍ଟାଣ୍ଡାର୍ଡ ଆକ୍ଟରେ ଫଳ ପଚାଇବା ପାଇଁ କ୍ୟାଲସିୟମ୍ କାର୍ବାଇଡ୍ ବ୍ୟବହାରକୁ ବାରଣ କରାଯାଇଛି। ସେହିପରି ୨୦୧୧ ଫୁଡ୍ ସେଫ୍ଟି ରେଗୁଲେସନ୍ ଆକ୍ଟ ଅନୁସାରେ ଫଳ ପଚାଇବା ପାଇଁ କାର୍ବାଇଡ୍ ବ୍ୟବହାର କରୁଥିବା ବ୍ୟକ୍ତିଙ୍କୁ ଜେଲ ଦଣ୍ଡାଦେଶ ହେବାର ପ୍ରାବଧାନ ରହିଛି । କିନ୍ତୁ ଏହି ଆଇନକୁ କେହି ମାନୁନାହାନ୍ତି । ଅଧିକାଂଶ ଫଳ ବାହାର ରାଜ୍ୟରୁ ଆସୁଥିବା ବେଳେ ପାଚିଲା ଫଳ ଆଣି ବିକ୍ରି କରିବା ସମ୍ଭବ ହେଉନାହିଁ । ତେଣୁ କଞ୍ଚା ଫଳକୁ କାର୍ବାଇଡ୍ ଦେଇ ପଚାଇ ବିକ୍ରି କରୁଛନ୍ତି ଫଳ ବ୍ୟବସାୟୀ । ଏହା ମନୁଷ୍ୟ ସ୍ୱାସ୍ଥ୍ୟ ଲାଗି ଅତ୍ୟନ୍ତ କ୍ଷତିକାରକ । ସାଧାରଣ ଲୋକ ଏହାର ଭୟାବହତା ଜାଣିବା ସମ୍ଭବ ନୁହେଁ । ଏହା କେବଳ ଫଳ ବଜାର ନୁହେଁ ଏପରି ରାସାୟନିକ ପ୍ରଲେପରୁ ପରିବାର ବଜାର ମଧ୍ୟ ବାଦ ପଡୁ ନାହିଁ। ଏଥିପ୍ରତି ରାଉରକେଲା ମହାନଗର ନିଗମ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିବା ଉଚିତ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଉଛି ।

## ପୃଥିବୀକୁ ଛାଡ଼ି କେଉଁ ଗ୍ରହରେ ପାଣି ଅଛି !

କ'ଣ ପୃଥିବୀ ବାହାରେ ବ୍ରହ୍ମାଣ୍ଡର ଅନ୍ୟ କୌଣସି ସ୍ଥାନରେ ଜୀବନ ଅଛି କି ? ଏହା ଏପରି ଏକ ପ୍ରଶ୍ନ ଯାହା ବୈଜ୍ଞାନିକ ଏବଂ ସାଧାରଣ ଲୋକଙ୍କ ମୁଣ୍ଡରେ ଘୁରୁଛି। ଯେକୌଣସି ଗ୍ରହରେ ଜୀବନ ସମ୍ଭାବନା ଅନୁସନ୍ଧାନ କରିବା ପାଇଁ, ବୈଜ୍ଞାନିକମାନେ ପ୍ରଥମେ ଜଳର ଉପସ୍ଥିତି ଅନୁସନ୍ଧାନ କରନ୍ତି, କାରଣ ଜଳ ହେଉଛି ଜୀବର ପ୍ରାଥମିକ ଆଧାର। ଆମ ପୃଥିବୀ ବାହାରେ ସୌରଜଗତରେ ଜଳ ଅନୁସନ୍ଧାନ ସମ୍ପର୍କରେ ମହାକାଶ ସଂସ୍ଥାଗୁଡ଼ିକ ଅନେକ ଗୁରୁତ୍ୱପୂର୍ଣ୍ଣ ଏବଂ ଆଶ୍ଚର୍ଯ୍ୟଜନକ ଆବିଷ୍କାର କରିଛନ୍ତି। ବୈଜ୍ଞାନିକଙ୍କ ଦ୍ୱାରା ନୂତନ ଆବିଷ୍କାରଗୁଡ଼ିକ ସ୍ପଷ୍ଟ କରିଛି ଯେ ଜଳ କେବଳ ପୃଥିବୀରେ ନୁହେଁ ବରଂ ସୌରଜଗତର ଅନେକ ଗ୍ରହ ଏବଂ ସେମାନଙ୍କର ଚନ୍ଦ୍ରମାରେ ମଧ୍ୟ ଅଲଗା ଅଲଗା ରୂପରେ ରହିଛି । ମଙ୍ଗଳ ଗ୍ରହ ସର୍ବଦା ମାନବ ଅନୁସନ୍ଧାନର ଏକ ପ୍ରମୁଖ କେନ୍ଦ୍ରବିନ୍ଦୁ ପାଲଟିଛି । ଆମେରିକୀୟ ମହାକାଶ ସଂସ୍ଥା ନାସାର ଅନେକ ରୋଭର୍ ଏବଂ ଅର୍ବିଟ ମଙ୍ଗଳ ଗ୍ରହରେ ପାଣି ଥିବାର ଦୃଢ଼ ପ୍ରମାଣ ସଂଗ୍ରହ କରିଛି। ବୈଜ୍ଞାନିକଙ୍କ ଅନୁଯାୟୀ, କୋଟି କୋଟି ବର୍ଷ ପୂର୍ବେ, ମଙ୍ଗଳ ଗ୍ରହରେ ପୃଥିବୀ ପରି ବିଶାଳ ନଦୀ, ହ୍ରଦ ଏବଂ ମହାସାଗର ଥିଲା । ଆଜି ମଙ୍ଗଳ ଗ୍ରହ ପୃଷ୍ଠରେ ଶୁଖିଲା ନଦୀ ନାଳ ଏବଂ ଡେଲଟା ସ୍ପଷ୍ଟ ଭାବରେ ଦେଖାଯାଉଛି । ବର୍ତ୍ତମାନ ମଙ୍ଗଳ ଗ୍ରହ ମେରୁରେ ବରଫ ଆକାରରେ ପ୍ରଚୁର ପରିମାଣରେ ପାଣି ଜମାଟ ବାନ୍ଧିଛି। ଏହା ବ୍ୟତୀତ ବୈଜ୍ଞାନିକମାନେ ମଙ୍ଗଳ ଗ୍ରହ ପୃଷ୍ଠ ତଳେ ବିଶାଳ ବରଫାବୃତ ସ୍ତର ଆବିଷ୍କାର କରିଛନ୍ତି, ଯାହା ଭବିଷ୍ୟତର ମାନବ ମିଶନ ପାଇଁ ଉପଯୋଗୀ ହୋଇପାରେ । ପାଣି ଖୋଜିବାରେ ସବୁଠାରୁ ଆଶ୍ଚର୍ଯ୍ୟଜନକ ଫଳାଫଳ ଆମ ସୌରମଣ୍ଡଳର ସବୁଠାରୁ ବଡ଼ ଗ୍ରହ ବୃହସ୍ପତି ଏବଂ ଶନିର ଚନ୍ଦ୍ରରୁ ଆସିଛି । ବୃହସ୍ପତିର ଚନ୍ଦ୍ର ୟୁରୋପାର ବରଫାବୃତ ପୃଷ୍ଠ ତଳେ ତରଳ ଜଳର ଏକ ବିଶାଳ ଏବଂ ଗଭୀର ସମୁଦ୍ର ଲୁଚି ରହିଛି। ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ, ୟୁରୋପାରେ ଥିବା ପାଣିର ପରିମାଣ ପୃଥିବୀର ସମସ୍ତ ମହାସାଗରର ପରିମାଣର ଦୁଇଗୁଣ ହୋଇପାରେ । ସେହିପରି, ଶନିର ଚନ୍ଦ୍ର ଏନସେଲାଡସରେ ମଧ୍ୟ ବରଫର ଏକ ଘନ ଆସ୍ତରଣ ତଳେ ଜଳର ଏକ ମହାସାଗର ରହିଛି । ଏନସେଲାଡସର ଦକ୍ଷିଣ ମେରୁରୁ ମହାକାଶକୁ ବଡ଼ ବଡ଼ ଜଳ ଝରଣା ଫୁଟୁଥିବା ଦେଖାଯାଇଛି, ଯାହା ସୂଚାଇ ଦେଉଛି ଯେ ଏହାର ଭିତର ଭାଗରେ ତରଳ ଜଳ ପ୍ରବାହିତ ହେଉଛି । ସୂର୍ଯ୍ୟର ନିକଟତମ ହୋଇଥିବାରୁ, ବୁଧ ଏବଂ ଶୁକ୍ର ଗ୍ରହ ଅତ୍ୟନ୍ତ ଗରମ । ଯାହା ଫଳରେ ସେଠାରେ ତରଳ ପାଣିର ଚିନ୍ତା ବି ଅସମ୍ଭବ । ତଥାପି, ବୈଜ୍ଞାନିକମାନେ ଅନୁସନ୍ଧାନ କରିଛନ୍ତି ଯେ ବୁଧ ଗ୍ରହରେ କିଛି ଏଭଳି ଗଭୀର ଗର୍ତ୍ତ ରହିଛି ଯେଉଁଠାରେ ସୂର୍ଯ୍ୟକିରଣ ପଡ଼େନାହିଁ । ଏହି ଥଣ୍ଡା ଅଞ୍ଚଳରେ ପାଣି ବରଫ ଆକାରରେ ରହିଛି । ଅନ୍ୟପକ୍ଷରେ, ଶୁକ୍ରର ତାପମାତ୍ରା ଏତେ ଅଧିକ ଯେ ସେଠାରେ ଥିବା ପାଣି ବୁନ୍ଦା ବାଷ୍ପୀଭୂତ ହୋଇଯାଏ। କିନ୍ତୁ ବୈଜ୍ଞାନିକଙ୍କୁ ଏହାର ବାୟୁମଣ୍ଡଳରେ ଜଳୀୟବାଷ୍ପ ପାଇଛନ୍ତି। ମାନବ ଅନୁସନ୍ଧାନ କେବଳ ସୌରମଣ୍ଡଳ ପର୍ଯ୍ୟନ୍ତ ସୀମିତ ନୁହେଁ। ଜେମ୍ସ ୱେବ୍ ଟେଲିସ୍କୋପ୍ ସାହାଯ୍ୟରେ ବୈଜ୍ଞାନିକମାନେ ସୌରମଣ୍ଡଳ ବାହାରେ ଥିବା ଅନ୍ୟ ତାରାର ପରିକ୍ରମା କରୁଥିବା ଗ୍ରହଗୁଡ଼ିକର ବାୟୁମଣ୍ଡଳରେ ଜଳୀୟ ବାଷ୍ପ ଏବଂ ମେଘ ଚିହ୍ନଟ କରିଛନ୍ତି । ନାସାର ୟୁରୋପା କ୍ଲିପର ଏବଂ ଇସ୍ରୋର ଆଗାମୀ ମିଶନଗୁଡ଼ିକ ମହାକାଶରେ ଜଳର ଅସ୍ତିତ୍ୱ ଏବଂ ଜୀବନ ଉପଯୋଗୀ ପରିସ୍ଥିତି ବିଷୟରେ ଅଧିକ ଅନୁସନ୍ଧାନ ଜାରି ରଖିଛନ୍ତି। ଆଜି ପର୍ଯ୍ୟନ୍ତ ହୋଇଥିବା ଆବିଷ୍କାର ଗୁଡ଼ିକ ଏହା ସ୍ପଷ୍ଟ କରିଛି ଯେ, ଜଳ ସମଗ୍ର ବ୍ରହ୍ମାଣ୍ଡରେ ବ୍ୟାପ୍ତ।



## ଭୁତ୍ ମାମା ମନ୍ଦିର : ସିଗାରେଟ୍ ଚଢ଼ାଇଲେ ପୂରଣ ହୁଏ ମନସ୍କାମନା



ଆଧୁନିକ ବିଜ୍ଞାନ କହେ, ଧୂମପାନ ସ୍ୱାସ୍ଥ୍ୟ ପକ୍ଷେ ନିତାନ୍ତ ହାନିକାରକ । ଏଣୁ ପ୍ରତି ସିଗାରେଟ୍ ପ୍ୟାକେଟ୍‌ରେ ଏପରି ଚେତାବନୀ ଉଲ୍ଲେଖ ରହିବା ବାଧ୍ୟତାମୂଳକ । କିନ୍ତୁ ଏଇ ଭାରତରେ ଏମିତି ଏକ ମନ୍ଦିର ଅଛି, ଯେଉଁଠାରେ ସିଗାରେଟ୍ ଇଷ୍ଟଙ୍କ ନିକଟରେ ଅର୍ପଣ କରାଯାଏ । ସିଗାରେଟ୍ ଅର୍ପଣ କଲେ ମନୋକାମନା ପୂରଣ ହୁଏ ବୋଲି ଲୋକଙ୍କର ଅତୁଟ ବିଶ୍ୱାସ ରହିଛି । ପୁଣି ଏପରି ଅଜବ ତଥା ଆଚମ୍ବିତ କରିଦେବା ଭଳି ଆସ୍ଥା,ବିଶ୍ୱାସ ଆଜି କି କାଲିର ନୁହେଁ ଶତାଧିକ ବର୍ଷ ଧରି ଗଢ଼ିଆସୁଛି । ଗୁଜରାଟର ପ୍ରସିଦ୍ଧ ସୁରଟ ସହର । ସହରର ଆଠୱାଲାଇନସ୍‌ର ସିଭିଲ ସୋସାଇଟି ପରିସରରେ ରହିଛି ବଂଜାରା ଭୁତ୍ ମାମା ମନ୍ଦିର । ମନ୍ଦିରଟି ୧୨୫-୧୩୦ବର୍ଷର ପୁରୁଣା ବୋଲି ସ୍ଥାନୀୟ ବୟସ୍କ ବ୍ୟକ୍ତିମାନେ ଦାବି କରନ୍ତି । ଏହି ମନ୍ଦିରର ଇଷ୍ଟଦେବତା ବଂଜାରା ଭୁତ୍ ମାମାଙ୍କୁ ପ୍ରସନ୍ନ କରିବା ଲାଗି ଶ୍ରଦ୍ଧାଳୁମାନେ ହାତରେ ଫୁଲ, ଧୂପ, ଦୀପ ଅବା ଫଳମୂଳ ଧରି ଆସିନଥାନ୍ତି। ବରଂ ଖଣ୍ଡେ ସିଗାରେଟ୍ ଅବା ପ୍ୟାକେଟ୍ ଧରି ଆସନ୍ତି । କେହି କେହି ସିଗାରେଟ୍‌ରେ ନିଆଁ ଧରାଇ ଭୁମ୍ୱାମା ପ୍ରତିମୂର୍ତ୍ତିର ଓଠ ନିକଟରେ ଛୁଆଁଇ ଅର୍ପଣ କରେ ଅବା କେହି ପ୍ୟାକେଟ୍‌ଟି ସେଇଠି ରଖିଦେଇଥାଏ। ନିଃସନ୍ତାନ ଦମ୍ପତି, ବିବାହ ପକ୍କା ହୋଇପାରୁନଥିବା ବିବାହଯୋଗ୍ୟ ପୁଅ, ଝିଅ ବଂଜାରା ଭୁତ୍ ମାମା ମନ୍ଦିରକୁ ବିଶେଷ ଭାବେ ଆସିଥାନ୍ତି । ମାନ୍ୟତା ରହିଛି ଯେ, କେହି ଶ୍ରଦ୍ଧା ପୂର୍ବକ ସିଗାରେଟ୍ ଅର୍ପଣ କରି ଏହି ସମସ୍ୟା ଜଣାଇଲେ ବିବାହ, ସନ୍ତାନ ପାଇବା ବାଧା ଦୂର ହୋଇଯାଇଥାଏ । ପରୀକ୍ଷାର୍ଥୀମାନେ ମଧ୍ୟ ଭୁମ୍ୱାମାଙ୍କ ଆଶୀର୍ବାଦ ପାଇବା ଲାଗି ଭିଡ଼ ଜମାଇବା ଦେଖିବାକୁ ମିଳେ। ଅଜବ ପରମ୍ପରା ପଛର କାହାଣୀ : ସ୍ଥାନୀୟ ଲୋକକଥା ଅନୁଯାୟୀ ପ୍ରାୟ ଦେଢ଼ଶହ ବର୍ଷ ତଳେ ଭୁତ୍ ମାମା ମନ୍ଦିର ଇଲାକାରେ ଏକ ବଂଜାରା ଦଳ ବସବାସ କରୁଥିଲେ। ସେତେବେଳେ ଅଞ୍ଚଳରେ ଭୀଷଣ ମରୁଡ଼ି ପଡିଲା । ଭୋକଉପାସରେ ବଂଜାରାମାନେ ଜୀବନ କଟାଉଥିବାବେଳେ ଜଣେ ପ୍ରାଣ ହରାଇଲେ । ନିଜ ଜାତି ଲୋକଙ୍କୁ ବିପଦରୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ସେ ନିଜ ଜୀବନ ଉତ୍ସର୍ଗ କଲେ ବୋଲି ଲୋକ ବିଶ୍ୱାସ କରି ସେଠାରେ ସମାଧିପୀଠ ତିଆରି କଲେ । ସେଠାରେ କ୍ରମେ ମନ୍ଦିର ନିର୍ମାଣ ହେଲା । ସେହି ବଞ୍ଜାରା ଜଣକ ଧୂମପାନ କରିବାକୁ ଭଲପାଉଥିଲେ । ଏହି କାରଣରୁ ତାଙ୍କର ସମାଧି ନିକଟରେ ଶ୍ରଦ୍ଧାରେ କେହି କେହି ସିଗାରେଟ୍ ରଖି ଦେଉଥିଲେ । ଏହା କାଳକ୍ରମେ ପରମ୍ପରାରେ ପରିଣତ ହୋଇଗଲା। ଭୁତ୍ ମାମା ଭାବେ ପୂଜିତ ଏହି ମହାନ୍ ଆତ୍ମା ବଂଜାରା ଜାତିର ରକ୍ଷକ ଭାବେ ଖ୍ୟାତ ହେଲେ । ଭୁତ୍ ମାମା ମନ୍ଦିର ଆଖିଦୃଶିଆ ହୋଇନଥିଲେ ହେଁ ଏହି ମନ୍ଦିର ପ୍ରତି ଲୋକଙ୍କ ଆସ୍ଥା ଅତୁଳନୀୟ। ଏଠାରେ ବର୍ଷକୁ ଥରେ 'ଭଣ୍ଡାରା' ଆୟୋଜନ ହୋଇଥାଏ । ଏହି ପ୍ରସାଦ ସେବନ କାର୍ଯ୍ୟକ୍ରମରେ ୧୫ହଜାରରୁ ଅଧିକ ଶ୍ରଦ୍ଧାଳୁ ଯୋଗ ଦେଇଥାନ୍ତି ।

## ମଣିଷଙ୍କ ପରି ପଶୁମାନେ ବି ହୁଅନ୍ତି ଡିପ୍ରେସନର ଶିକାର



ଡିପ୍ରେସନ୍ ବା ମାନସିକ ଚାପ କେବଳ ମଣିଷମାନଙ୍କ ମଧ୍ୟରେ ସୀମିତ ନୁହେଁ। ପଶୁମାନଙ୍କ ମଧ୍ୟରେ ବି ଏହି ରୋଗର ଲକ୍ଷଣ ଦେଖା ଯାଇପାରେ, ଏବଂ ବୈଜ୍ଞାନିକ ଗବେଷଣା ଏବଂ ପର୍ଯ୍ୟବେକ୍ଷଣରୁ ଜଣାପଡିଛି ଯେ ଅନେକ ସ୍ତନ୍ୟପାୟୀ ପ୍ରାଣୀ ଏପରି ଭାବନା ଅନୁଭବ କରନ୍ତି ଯାହା ମଣିଷର ଭାବପ୍ରବଣ ଅଭିଜ୍ଞତା ସହିତ ସମାନ । କୁକୁର, ବିଲେଇ, ହାତୀ ଏବଂ ମାଙ୍କଡ ସେହି ପ୍ରାଣୀମାନଙ୍କ ମଧ୍ୟରେ ଗଣା ଯାହାର ମସ୍ତିଷ୍କ ଏପରି ଅନୁଭବ କରେ। ଯେତେବେଳେ ପ୍ରାଣୀମାନେ ଅବସାଦଗ୍ରସ୍ତ ହୁଅନ୍ତି, ସେମାନଙ୍କ ଶରୀରରେ ସେରୋଟୋନିନ୍ ଏବଂ କର୍ଟିସୋଲ ସମେତ ନ୍ୟୁରୋକେମିକାଲ୍ସର ସନ୍ତୁଳନ ବିଗିଡ଼ିପାରେ । ପ୍ରାଣୀମାନଙ୍କଠାରେ ମାନସିକ ଅବସାଦର କାରଣ ଅନେକ। ଏଥିରେ ଦୁଃଖ, ବିଚ୍ଛେଦ, ବନ୍ଦୀ, ସେମାନଙ୍କ ମାଲିକଙ୍କ ବ୍ୟବହାର ପରିବର୍ତ୍ତନ, ଶାରୀରିକ ଅସୁସ୍ଥତା, ବାର୍ଦ୍ଧକ୍ୟ ଏବଂ ଆଘାତଜନକ ଅଭିଜ୍ଞତା ଅନ୍ତର୍ଭୁକ୍ତ । ଜୀବନସାଥୀ, ମାଲିକ, ସନ୍ତାନ ସନ୍ତତିଙ୍କ ମୃତ୍ୟୁ କିମ୍ବା ଗମ୍ଭୀର ଆଘାତ ପରେ ପ୍ରାଣୀମାନେ ଗଭୀର ଦୁଃଖ ଅନୁଭବ କରିପାରନ୍ତି । ଏହି ପ୍ରତିକ୍ରିୟା ସେମାନଙ୍କର ଦୈନନ୍ଦିନ ଆଚରଣ ଏବଂ ମୌଳିକ କାର୍ଯ୍ୟକୁ ପ୍ରଭାବିତ କରିପାରେ। ନିଜ ଅତିନିକଟ ସାଥୀଙ୍କ ମୃତ୍ୟୁରେ ଶୋକ କରି ପଶୁମାନେ ସାଧାରଣ କାର୍ଯ୍ୟକଳାପରେ ଆଗ୍ରହ ବନ୍ଦ କରିପାରନ୍ତି । କିଛି କ୍ଷେତ୍ରରେ ଏତେ ଅଧିକ କଷ୍ଟ ଅନୁଭବ କରନ୍ତି ଯେ ପ୍ରାଣୀ ଖାଇବା ପିଇବା ବନ୍ଦ କରିଦିଏ । କୁକୁର, ବିଲେଇ ଭଳି ସାମାଜିକ ପଶୁମାନେ ଦୀର୍ଘ ସମୟ ପାଇଁ ଏକା ରହିଲେ କିମ୍ବା ତାଙ୍କୁ ଅଣଦେଖା କରାଗଲେ ଦୁଃଖି ହୋଇପାରନ୍ତି । କମ୍ ସମୟ ଦେବା ଏବଂ ଅବହେଳା କରିବା ସେମାନଙ୍କର ମାନସିକ ଅବସ୍ଥାକୁ ପ୍ରଭାବିତ କରିପାରେ । ପୋଷା କୁକୁର ସେମାନଙ୍କ ମାଲିକଙ୍କ ଠାରୁ ଅଲଗା ହେବା କଷ୍ଟ ମାନସିକ ଚିନ୍ତାର କାରଣ ହୋଇପାରେ। ପ୍ରାଣୀର ପରିବେଶ ମଧ୍ୟ ତାର ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିପାରେ । ଚିଡ଼ିଆଖାନା କିମ୍ବା ପିଞ୍ଜରାରେ ରଖାଯାଇଥିବା ପ୍ରାଣୀମାନେ ଦୌଡ଼ିବା, ଶିକାର କରିବା କିମ୍ବା ବୁଲିବା ଭଳି ପ୍ରାକୃତିକ ଆଚରଣ କରିପାରନ୍ତି ନାହିଁ। ଯେତେବେଳେ ସେମାନେ ଏହି କାର୍ଯ୍ୟକଳାପ କରିବାକୁ ଅକ୍ଷମ ହୁଅନ୍ତି, ସେତେବେଳେ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ। ଏହି ଅବସ୍ଥାକୁ ବୈଜ୍ଞାନିକ ଭାଷାରେ ଜଣାଶୁଣା ଅସହାୟତା ବୋଲି କୁହାଯାଏ। ଗୃହପାଳିତ ପଶୁମାନେ ସେମାନଙ୍କ ପାରିପାର୍ଶ୍ୱିକ ଅବସ୍ଥା ଏବଂ ସେମାନଙ୍କ ଯତ୍ନ ନେଉଥିବା ଲୋକଙ୍କ ଭାବନା ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ। ଯଦି କୌଣସି ମାଲିକ ମାନସିକ ଅବସାଦ କିମ୍ବା ଚାପ ଅନୁଭବ କରନ୍ତି, ତେବେ ପାଳିତ ପଶୁ ମଧ୍ୟ ଦୁଃଖୀ ଏବଂ ହତାଶ ହୋଇପାରନ୍ତି । ଶାରୀରିକ ସ୍ୱାସ୍ଥ୍ୟ ଅବସାଦର ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାରଣ । ଦୀର୍ଘକାଳୀନ ଯନ୍ତ୍ରଣା, ଦୀର୍ଘକାଳୀନ ଚିକିତ୍ସା ସମସ୍ୟା ଏବଂ ବାର୍ଦ୍ଧକ୍ୟ ସମ୍ବନ୍ଧୀୟ ସମସ୍ୟା ପ୍ରାଣୀମାନଙ୍କ ମଧ୍ୟରେ ଅବସାଦ ସୃଷ୍ଟି କରିପାରେ । ପ୍ରାଣୀଟି କମ୍ ସକ୍ରିୟ ହୋଇପାରେ କିମ୍ବା ପୂର୍ବରୁ ଖୁସି ହେଉଥିବା ଜିନିଷ ଗୁଡ଼ିକ ପ୍ରତି ଆଗ୍ରହ କମାଇ ଦେଇପାରେ। ପ୍ରାଣୀଙ୍କ ଆଚରଣରେ ପରିବର୍ତ୍ତନ ଜରୁରୀ ସୂଚନା ଦିଏ । ଡିପ୍ରେସନରେ ପୀଡିତ ପ୍ରାଣୀ ପୂର୍ବରୁ ରୁଚି ରଖୁଥିବା କାର୍ଯ୍ୟକଳାପରେ ଆଗ୍ରହ କମାଇ କ୍ରମଶଃ ଅଳସୁଆ ହୋଇଯାଏ । ସେମାନେ ଲୁଚି ରହିବାକୁ ଚେଷ୍ଟା କରନ୍ତି । କିଛି ପ୍ରାଣୀ କମ୍ ଖାଦ୍ୟ ଗ୍ରହଣ କରନ୍ତି ତ କିଛି ଅଧିକ ଖାଇପାରନ୍ତି । ଅନ୍ୟ କିଛି କ୍ଷେତ୍ରରେ ପ୍ରାଣୀମାନେ ନିଜକୁ କ୍ଷତି ମଧ୍ୟ ପହଞ୍ଚାଇପାରନ୍ତି । ଏହି ଲକ୍ଷଣଗୁଡ଼ିକର ବିଭିନ୍ନ କାରଣ ହୋଇପାରେ । ଯେପରିକି ଶାରୀରିକ ଅସୁସ୍ଥତା, ଯନ୍ତ୍ରଣା, ବାର୍ଦ୍ଧକ୍ୟ, କିମ୍ବା ଭାବପ୍ରବଣ ଚାପ । ସାମାଜିକ ସମ୍ପର୍କ, ଜୀବନଯାପନ ଅବସ୍ଥା, ସ୍ୱାସ୍ଥ୍ୟ ଏବଂ ଆଘାତଜନକ ଅଭିଜ୍ଞତା ଦ୍ୱାରା ପ୍ରଭାବିତ ହୋଇ ମାନସିକ ଅବସାଦର ଶିକାର ହୋଇ ପାରନ୍ତି । ତେଣୁ, ପ୍ରାଣୀର ମାନସିକ ଅବସ୍ଥାକୁ ବିଚାର କରିବା ସମୟରେ ଆଚରଣ, ଭୋକ ଏବଂ କାର୍ଯ୍ୟକଳାପରେ ପରିବର୍ତ୍ତନକୁ ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରାଣୀର କଷ୍ଟକୁ ବୁଝିବା ମଧ୍ୟ ଜରୁରୀ ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ଅକ୍ଟୋବର, ବୁଧବାର, ୨୦୨୬


# ହ୍ୟାରୀ କେନଙ୍କୁ ମିଳିଲା ବେଲୋନ ଡି'ଓର ସମ୍ମାନ
## ଶୁଭେଚ୍ଛା ଜଣାଇଲେ ବିରାଟ କୋହଲି



**ନୂଆଦିଲ୍ଲୀ**

କ୍ରିକେଟ୍ ମଇଦାନରେ ନିଜ ବ୍ୟାଟ୍ ଜରିଆରେ ସାରା ଦୁନିଆକୁ ଦିୱାନା କରିଥିବା ବିରାଟ କୋହଲିଙ୍କ ହୃଦୟ ବର୍ତ୍ତମାନ ଫୁଟବଲର ଜଣେ ସୁପରଷ୍ଟାରଙ୍କ ପାଇଁ ସ୍ପନ୍ଦିତ ହୋଇଛି। ହ୍ୟାରୀ କେନ ବେଲୋନ ଡି'ଓର ଜିତି ଇତିହାସ ରଚିବା ପରେ ବିରାଟ କୋହଲି ମଧ୍ୟ ଏହି ଫୁଟବଲରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ବିରାଟ କୋହଲି ଇଂଲଣ୍ଡର ଷ୍ଟାର ଫୁଟବଲର ହ୍ୟାରୀ କେନଙ୍କୁ ବେଲୋନ ଡି'ଓର ଜିତିବା ଅବସରରେ ଏକ ସ୍ୱତନ୍ତ୍ର ଶୈଳୀରେ ଶୁଭେଚ୍ଛା ଜଣାଇଛନ୍ତି। କୋହଲି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କେନଙ୍କୁ ନିଜର ବନ୍ଧୁ ବୋଲି ବର୍ଣ୍ଣନା କରି ତାଙ୍କର କଠିନ ପରିଶ୍ରମ, ସଂଘର୍ଷ ଓ ସାଧୁତାର ପ୍ରଶଂସା କରିଛନ୍ତି। ବିରାଟ କହିଛନ୍ତି ଯେ, କେନ ଏତେ ବର୍ଷ ଧରି ଫୁଟବଲର ଶୀର୍ଷ ସ୍ତରରେ ଖେଳିବା ପରେ ଏହି ପ୍ରତିଷ୍ଠିତ ପୁରସ୍କାର ପାଇବା ପାଇଁ ସମ୍ପୂର୍ଣ୍ଣ ରୂପେ ହକଦାର ଅଟନ୍ତି।

ହ୍ୟାରୀ କେନ ମଙ୍ଗଳବାର ଦିନ ବେଲୋନ ଡି'ଓର ଜିତି ଇତିହାସ ରଚିଛନ୍ତି। ସେ ୨୦୦୧ରେ ମାଇକେଲ ଓଭେନଙ୍କ ପରେ ଏହି ପ୍ରତିଷ୍ଠିତ ପୁରସ୍କାର ଜିତିବାରେ ପ୍ରଥମ ଇଂଲିଶ ଫୁଟବଲର ହୋଇଛନ୍ତି। ୩୩ ବର୍ଷୀୟ କେନ ଏହି ଦୌଡ଼ରେ ରିଆଲ ମାଦ୍ରିଦର କିଲିଆନ ଏମ୍ବାପେ ଏବଂ ବିଶ୍ୱକପ ବିଜେତା ଲାମିନ ୟମାଲଙ୍କୁ ପଛରେ ପକାଇଛନ୍ତି। ଏମ୍ବାପେ ଦ୍ୱିତୀୟ ଏବଂ ୟମାଲ ତୃତୀୟ ସ୍ଥାନରେ ରହିଛନ୍ତି।

କେନଙ୍କୁ ପୁରୁଷ ବର୍ଗର 'ଷ୍ଟ୍ରାଇକର ଅଫ୍ ଦି ୟର' ପୁରସ୍କାର ମଧ୍ୟ ମିଳିଛି। ସେ ୧୯୮୦ ଏବଂ ୧୯୮୧ରେ କ୍ରମାଗତ ଦୁଇ ଥର ଏହି ସମ୍ମାନ ଜିତିଥିବା କାର୍ଲ-ହେଞ୍ଜ ରୁମେନିଗେଙ୍କ ପରେ ବେଲୋନ ଡି'ଓର ଜିତିଥିବା ବାୟର୍ଣ୍ଣ ମ୍ୟୁନିକର ପ୍ରଥମ ଖେଳାଳି ହୋଇଛନ୍ତି। କେନ ଏହି ପୁରସ୍କାର ଜିତିବାରେ ପଞ୍ଚମ ଇଂଲିଶ ଖେଳାଳି ଅଟନ୍ତି। ତାଙ୍କ ପୂର୍ବରୁ ଷ୍ଟାନଲି ମ୍ୟାଥ୍ୟୁଜ୍, ବବି ଚାର୍ଲଟନ୍, କେଭିନ କିଗନ୍ ଏବଂ ମାଇକେଲ ଓଭେନ ଏହି ସଫଳତା ହାସଲ କରିସାରିଛନ୍ତି।

# ୩ୟ ଟି୨୦ : ଅଭିଷେକ ଶର୍ମାଙ୍କ ଧୂଆଁଧାର ଶତକ
# ନ୍ୟୁଜିଲାଣ୍ଡକୁ ୬ ୱିକେଟରେ ହରାଇଲା ଟିମ୍ ଇଣ୍ଡିଆ

**ୱେଲିଂଟନ୍**

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ର ତୃତୀୟ ମ୍ୟାଚ୍ ମଙ୍ଗଳବାର ଅର୍ଥାତ ଅକ୍ଟୋବର ୨୭ ତାରିଖରେ ଖେଳାଯାଇଥିଲା। ଭାରତ ଏହି ମ୍ୟାଚ୍‌ରେ ଚମତ୍କାର ବ୍ୟାଟିଂ କରି ନ୍ୟୁଜିଲାଣ୍ଡକୁ ୬ ୱିକେଟ୍‌ରେ ପରାସ୍ତ କରିଛି। ଭାରତ ତରଫରୁ ଅଭିଷେକ ଶର୍ମା ଏବଂ ବୈଭବ ସୂର୍ଯ୍ୟବଂଶୀ ଚମତ୍କାର ପ୍ରଦର୍ଶନ କରିଥିଲେ। ଏହି ଦୁଇ ଖେଳାଳି ଭାରତକୁ ଏକ ଦମଦାର୍ ଆରମ୍ଭ ଦେଇଥିଲେ। ଯାହାଫଳରେ ଟିମ୍ ଇଣ୍ଡିଆ କ୍ରମାଗତ ତୃତୀୟ ମ୍ୟାଚ୍ ଜିତିବା ସହ ସିରିଜ୍ ଉପରେ ମଧ୍ୟ କବ୍‌ଜା କରିନେଇଛି।

ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ୍ ହରାଇ ୧୯୮ ରନ୍ ସ୍କୋର କରିଥିଲା। ଏହାର ଜବାବରେ ଭାରତୀୟ ଦଳ ଆକ୍ରମଣାତ୍ମକ ଶୈଳୀରେ ବ୍ୟାଟିଂ କରି ମାତ୍ର ୧୩.୨ ଓଭରରେ ଲକ୍ଷ୍ୟ ହାସଲ କରିନେଇଥିଲା। ଭାରତର ଏହି ଭବ୍ୟ ବିଜୟର ସବୁଠାରୁ ବଡ଼ ହିରୋ ସାଜିଥିଲେ ଅଭିଷେକ ଶର୍ମା। ଯିଏକି ମାତ୍ର ୩୮ଟି ବଲ୍‌ରୁ ୧୧୩ ରନ୍ ଧୂଳି ଚଟାଇଥିଲେ। ସେହିପରି ୧୫ ବର୍ଷର ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ୧୯ଟି ବଲ୍‌ରେ ୪୫ ରନ୍‌ର ଏକ ତୁଫାନୀ ଇନିଂସ ଖେଳି କିୱି ବୋଲରଙ୍କ ମୁସ୍କିଲ୍ ବଢ଼ାଇ ଦେଇଥିଲେ। ଏହି ବିଜୟ ସହ ଭାରତ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ୩-୦ରେ ଅଜେୟ ଅଗ୍ରଣୀ ହାସଲ କରି ସିରିଜ୍‌କୁ ନିଜ ନାମରେ କରିନେଇଛି।

୧୯୯ ରନ୍‌ର ଲକ୍ଷ୍ୟକୁ ପିଛା କରିବାକୁ ଓହ୍ଲାଇଥିବା ଭାରତୀୟ ଦଳ ଏଥର ଓପନିଂ ଯୋଡ଼ିରେ ଏକ ନୂଆ ପ୍ରୟୋଗ କରିଥିଲା। ଅଭିଷେକ ଶର୍ମାଙ୍କ ସହ ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ପାଳି ଆରମ୍ଭ କରିବାକୁ ପଡ଼ିଆକୁ ଆସିଥିଲେ। ଦୁହେଁ ମଇଦାନକୁ ଓହ୍ଲାଇବା ମାତ୍ରେ ନ୍ୟୁଜିଲାଣ୍ଡ ବୋଲରଙ୍କ ଉପରେ ପ୍ରହାର କରିଥିଲେ। ପ୍ରଥମ ଓଭରରେ ହିଁ ଭାରତୀୟ ବ୍ୟାଟରମାନେ ୨୬ ରନ୍ ସଂଗ୍ରହ କରି ମ୍ୟାଚ୍‌ର ଗତିପଥ ସ୍ଥିର କରିଦେଇଥିଲେ। ପୁରୁଷ ଟି୨୦ ଅନ୍ତର୍ଜାତୀୟ କ୍ରିକେଟରେ ଫୁଲ୍ ମେମ୍ବର (ପୂର୍ଣ୍ଣ ସଦସ୍ୟ) ଦଳଗୁଡ଼ିକ ମଧ୍ୟରେ ପ୍ରଥମ ଓଭରରେ ପ୍ରଥମ ଥର ପାଇଁ ଏତେ ରନ୍ ସଂଗ୍ରହ ହୋଇଛି।

ଏହାପରେ ପାୱାର-ପ୍ଲେ'ରେ ମଧ୍ୟ ଭାରତୀୟ ବ୍ୟାଟରମାନଙ୍କ ତୁଫାନୀ ବ୍ୟାଟିଂ ଜାରି ରହିଥିଲା। ଅଭିଷେକ ଶର୍ମା ଚୌକା ଓ ଛକାର ବର୍ଷା କରି ମାତ୍ର ୧୪ଟି ବଲ୍‌ରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଅନ୍ୟପଟେ ବୈଭବ ସୂର୍ଯ୍ୟବଂଶୀ ମଧ୍ୟ ଦ୍ରୁତ ଗତିରେ ରନ୍ ସଂଗ୍ରହ କରି ତାଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଦୁହିଁଙ୍କ ବିସ୍ଫୋରକ ବ୍ୟାଟିଂ ସାମ୍ନାରେ ନ୍ୟୁଜିଲାଣ୍ଡର ବୋଲରମାନେ ଅସହାୟ ନଜର ଆସିଥିଲେ। ଭାରତୀୟ ଦଳ ପ୍ରାରମ୍ଭିକ ୬ ଓଭରରେ କୌଣସି ୱିକେଟ୍ ନହରାଇ ୧୧୮ ରନ୍ ସଂଗ୍ରହ କରିନେଇଥିଲା। ପୁରୁଷ ଟି୨୦ ଅନ୍ତର୍ଜାତୀୟ କ୍ରିକେଟରେ ପାୱାର-ପ୍ଲେ ସମୟରେ କରାଯାଇଥିବା ଏହା ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ସ୍କୋର ଅଟେ। ଏହିପରି ଭାବେ ଭାରତ ରେକର୍ଡ ବ୍ରେକିଂ ବ୍ୟାଟିଂ ବଳରେ କେବଳ ମ୍ୟାଚ୍ ଜିତିନାହିଁ, ବରଂ ସିରିଜ୍ ଉପରେ ମଧ୍ୟ ନିଜର କବ୍‌ଜା ଜମାଇଛି।



# ଗାରେଥ୍ ବ୍ୟାଟି ହେଲେ ସିଏସକେର ଆସିଷ୍ଟାଣ୍ଟ କୋଚ୍



**ନୂଆଦିଲ୍ଲୀ**

ଆଇପିଏଲ୍ ୨୦୨୭ ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସକେ)ର କୋଚିଂ ଷ୍ଟାଫ୍‌ରେ ନୂଆ ନିଯୁକ୍ତି ହୋଇଛି। ଇଂଲଣ୍ଡର ପୂର୍ବତନ ବୋଲର ଗାରେଥ୍ ବ୍ୟାଟିଙ୍କୁ ଦଳର ଆସିଷ୍ଟାଣ୍ଟ କୋଚ୍ ଭାବେ ଦାୟିତ୍ୱ ମିଳିଛି। ସେ ମୁଖ୍ୟ କୋଚ୍ ଜାହିର ଖାନ୍‌ଙ୍କ ସହ ମିଶି ଦଳର କୋଚିଂ ଷ୍ଟାଫ୍‌ରେ କାମ କରିବେ ବୋଲି ଖବରରେ ଉଲ୍ଲେଖ ରହିଛି।

ଗାରେଥ୍ ବ୍ୟାଟି ଇଂଲଣ୍ଡର କାଉଣ୍ଟି ଦଳ ସରେର ମୁଖ୍ୟ କୋଚ୍ ଭାବେ କାମ କରିଥିଲେ। ତାଙ୍କ କୋଚିଂ ସମୟରେ ସରେ ୨୦୨୨ରୁ ୨୦୨୪ ମଧ୍ୟରେ ଲଗାତାର ତିନିଥର କାଉଣ୍ଟି ଚାମ୍ପିୟନସିପ୍ ଟାଇଟଲ୍ ଜିତିଥିଲା। ସରେ କ୍ଲବ୍ ପକ୍ଷରୁ ମଧ୍ୟ ସେ ଦଳ ଛାଡ଼ି ଆଇପିଏଲ୍‌ରେ ଚେନ୍ନାଇ ସହ ଯୋଗଦେବାକୁ ଯାଉଥିବା ସୂଚନା ଦିଆଯାଇଛି। ଆଇପିଏଲ୍‌ର ଅନ୍ୟତମ ସଫଳ ଦଳ ଚେନ୍ନାଇ ସୁପର କିଙ୍ଗ୍ସ ଆଗାମୀ ସିଜନ୍‌ରେ ଷଷ୍ଠ ଟ୍ରଫି ଜିତିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ଚେନ୍ନାଇ ଓ ମୁମ୍ବାଇ ଇଣ୍ଡିଆନ୍ସ ଉଭୟ ୫ ଥର ଲେଖାଏଁ ଆଇପିଏଲ୍ ଟାଇଟଲ୍ ଜିତିଛନ୍ତି। ଚେନ୍ନାଇ ଶେଷ ଥର ପାଇଁ ୨୦୨୩ରେ ଚାମ୍ପିୟନ୍ ହୋଇଥିଲା। କୋଚିଂ ଷ୍ଟାଫ୍ ?ରେ ଏହି ପରିବର୍ତ୍ତନ ପରେ ଆଗାମୀ ସିଜନ୍‌ରେ ଦଳର ପ୍ରଦର୍ଶନ କିପରି ରହିବ, ତାହା ଉପରେ କ୍ରିକେଟପ୍ରେମୀଙ୍କ ନଜର ରହିବ।

ଗାରେଥ୍ ବ୍ୟାଟି ୨୦୦୨ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପଦାର୍ପଣ କରିଥିଲେ। ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟର ୨୦୧୬ ପର୍ଯ୍ୟନ୍ତ ଚାଲିଥିଲା। ଏହି ସମୟ ମଧ୍ୟରେ ସେ ଇଂଲଣ୍ଡ ପକ୍ଷରୁ ୯ଟି ଟେଷ୍ଟ, ୧୦ଟି ଦିନିକିଆ ଓ ଗୋଟିଏ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ।

# ପାକିସ୍ତାନକୁ ୮ ୱିକେଟ୍‌ରେ ହରାଇ ଫାଇନାଲ୍‌ରେ ଶ୍ରୀଲଙ୍କା



**ନୂଆଦିଲ୍ଲୀ**

ମଙ୍ଗଳବାର ମ୍ୟାଚ୍‌ରେ ପାକିସ୍ତାନକୁ ଶ୍ରୀଲଙ୍କା ୮ ୱିକେଟ୍‌ରେ ପରାସ୍ତ କରିଛି। ଲାହୋରର ଗଦ୍ଦାଫି ଷ୍ଟାଡିୟମରେ ଖେଳାଯାଇଥିବା ଦିନିକିଆ ଟ୍ରାଇ-ସିରିଜ୍‌ର ପଞ୍ଚମ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୨୫.୩ ଓଭରରେ ମାତ୍ର ୧୧୦ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲା। ଏହାର ଜବାବରେ ଶ୍ରୀଲଙ୍କା ୧୮.୧ ଓଭରରେ ୨ ୱିକେଟ୍ ହରାଇ ୧୧୪ ରନ୍ କରି ବିଜୟ ହାସଲ କରିନେଇଛି। ୫୦-୫୦ ଓଭରର ଏହି ମୁକାବିଲାରେ ମୋଟ ୫୦ ଓଭର ମଧ୍ୟ ଖେଳ ହୋଇ ପାରିନାହିଁ ଏବଂ ମ୍ୟାଚ୍ ଶେଷ ହୋଇ ଯାଇଛି। ଏହି ବିଜୟ ସହ ଶ୍ରୀଲଙ୍କା ଫାଇନାଲ୍‌ରେ ନିଜ ସ୍ଥାନ ପକ୍କା କରିଛି।

ପାକିସ୍ତାନ ଦେଇଥିବା ସହଜ ବିଜୟ ଲକ୍ଷ୍ୟର ପିଛା କରି ଶ୍ରୀଲଙ୍କା ପକ୍ଷରୁ ଓପନର କାମିନ୍ଦୁ ମେଣ୍ଡିସ ୬୦ ବଲ୍‌ରେ ୮ଟି ଚୌକା ଓ ୨ଟି ଛକା ସହାୟତାରେ ସର୍ବାଧିକ ୬୨ ରନ୍‌ର ଏକ ଅପରାଜିତ ଇନିଂସ ଖେଳିଥିଲେ। ସେ ଅଭିଷ୍କା ଫର୍ଣ୍ଣାଣ୍ଡୋଙ୍କ ସହ ମିଶି ପ୍ରଥମ ୱିକେଟ୍ ପାଇଁ ୫୦ ରନ୍ (୪୧ ବଲ୍)ର ପାର୍ଟନରସିପ୍ କରିଥିଲେ। ଏହାପରେ ସେ ପବନ ରତ୍ନାୟକେଙ୍କ ସହ ମିଶି ତୃତୀୟ ୱିକେଟ୍ ପାଇଁ ୫୨ ରନ୍ (୫୬ ବଲ୍)ର ଏକ ଅପରାଜିତ ପାର୍ଟନରସିପ୍ କରି ଦଳକୁ ବିଜୟୀ କରାଇଥିଲେ।

ମ୍ୟାଚ୍‌ରେ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିବାକୁ ଓହ୍ଲାଇଥିବା ପାକିସ୍ତାନର ଆରମ୍ଭ ଅତ୍ୟନ୍ତ ନିରାଶାଜନକ ରହିଥିଲା। ଦଳ ୧୧ ରନ୍‌ରେ ନିଜର ପ୍ରଥମ ୱିକେଟ୍ ହରାଇଥିଲା। ଏହାପରେ ୨୩ ରନ୍‌ରେ ଦଳର ଦ୍ୱିତୀୟ ୱିକେଟ୍ ପତନ ଘଟିଥିଲା। ଏହିପରି ଭାବେ ପାକିସ୍ତାନ ଲଗାତାର ନିଜର ୱିକେଟ୍ ହରାଇ ଚାଲିଥିଲା। ଦଳ ୪ ରନ୍‌ରେ ତୃତୀୟ, ୬୧ ରନ୍‌ରେ ଚତୁର୍ଥ, ୬୧ ରନ୍‌ରେ ପଞ୍ଚମ, ୬୪ ରନ୍‌ରେ ଷଷ୍ଠ, ୯୧ ରନ୍‌ରେ ସପ୍ତମ, ୯୧ ରନ୍‌ରେ ଅଷ୍ଟମ, ୯୨ ରନ୍‌ରେ ନବମ ଏବଂ ୧୧୦ ରନ୍‌ରେ ଦଶମ ୱିକେଟ୍ ହରାଇଥିଲା।

ବାବର ଆଜମ ପାକିସ୍ତାନ ପାଇଁ ସର୍ବାଧିକ ୩୩ ବଲ୍‌ରେ ୫ଟି ଚୌକା ସହାୟତାରେ ୨୯ ରନ୍‌ର ଇନିଂସ ଖେଳିଥିଲେ। ଏହାକୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ୨୦ ରନ୍‌ର ସୀମା ପାର୍ କରିପାରି ନଥିଲେ। ମୋଟ ୭ ଜଣ ବ୍ୟାଟ୍ସମ୍ୟାନ ତ ଦୁଇ ଅଙ୍କ ବିଶିଷ୍ଟ ରନ୍ (ଦଶ ରନ୍) ମଧ୍ୟ ଛୁଇଁ ପାରିନଥିଲେ। ଏହି ସମୟରେ ଶ୍ରୀଲଙ୍କା ପକ୍ଷରୁ ଦିଲଶାନ ମଦୁଶଙ୍କା ସର୍ବାଧିକ ୫ଟି ୱିକେଟ୍ ଅକ୍ତିଆର କରିଥିଲେ।

ଶ୍ରୀଲଙ୍କା ଏହି ବିଜୟ ସହ ଟ୍ରାଇ-ସିରିଜ୍‌ର ଫାଇନାଲ୍‌ରେ ନିଜ ସ୍ଥାନ ପକ୍କା କରିଛି। ପାକିସ୍ତାନ ପୂର୍ବରୁ ହିଁ ଫାଇନାଲ୍ ଟିକେଟ୍ ହାସଲ କରିସାରିଥିଲା। ଅନ୍ୟପଟେ ଇଂଲଣ୍ଡ ଏହି ରେସ୍‌ରୁ ବାଦ୍ ପଡ଼ିଛି। ପାକିସ୍ତାନ ଏବଂ ଶ୍ରୀଲଙ୍କା ମଧ୍ୟରେ ଏହି ମହାମୁକାବିଲା ଅର୍ଥାତ୍ ଫାଇନାଲ୍ ମ୍ୟାଚ୍ ୩୧ ଅକ୍ଟୋବର (ଶନିବାର) ଦିନ ଲାହୋରର ଗଦ୍ଦାଫି ଷ୍ଟାଡିୟମରେ ଖେଳାଯିବ।

# ୩୦ ଛକା, ୨୭ ଚୌକା : ଟି-୨୦ରେ ବିସ୍ଫୋରକ ତ୍ରିଶତକ ହାସଲ କଲେ ଆର୍ଯ୍ୟନ ଶର୍ମା



**ନୂଆଦିଲ୍ଲୀ**

କ୍ରିକେଟ ପଡ଼ିଆରେ ଜଣେ ଯୁବ ଖେଳାଳିଙ୍କ ବିସ୍ଫୋରକ ପ୍ରଦର୍ଶନ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଦିଲ୍ଲୀ ସ୍କୁଲ୍ସ ଟି-୨୦ ଲିଗ୍‌ରେ ଆର୍ଯ୍ୟନ ଶର୍ମା ଏଭଳି ଏକ ଇନିଂସ ଖେଳିଛନ୍ତି, ଯାହା ସୋସିଆଲ ମିଡିଆରେ ଚର୍ଚ୍ଚା ସୃଷ୍ଟି କରିଛି। ଇନ୍ଦ୍ରପ୍ରସ୍ଥ ୱାର୍ଲଡ ସ୍କୁଲ ବିପକ୍ଷରେ ସେ ମାତ୍ର ୯୩ଟି ବଲ୍‌ରୁ ଅପରାଜିତ ୩୧୧ ରନ ସଂଗ୍ରହ କରିଛନ୍ତି।

ଜନକପୁରୀସ୍ଥିତ ସୁମେରମଲ ଜୈନ ପବ୍ଲିକ ସ୍କୁଲର ଛାତ୍ର ଆର୍ଯ୍ୟନ ନିଜ ଇନିଂସ୍‌ରେ ମୋଟ ୩୦ଟି ଛକା ଓ ୨୭ଟି ଚୌକା ମାରିଥିଲେ। ତାଙ୍କର ଷ୍ଟ୍ରାଇକ ରେଟ ଥିଲା ପ୍ରାୟ ୩୩୪। କ୍ରିଜ୍‌ରେ ସେ ୧୦୬ ମିନିଟ ବିତାଇ ଇନ୍ଦ୍ରପ୍ରସ୍ଥ ୱାର୍ଲଡ ସ୍କୁଲ୍‌ର ବୋଲରମାନଙ୍କୁ ଚାପରେ ରଖିଥିଲେ। ଆର୍ଯ୍ୟନଙ୍କ ଏହି ବିସ୍ଫୋରକ ବ୍ୟାଟିଂ ବଳରେ ସୁମେରମଲ ଜୈନ ପବ୍ଲିକ ସ୍କୁଲ ନିର୍ଦ୍ଧାରିତ ୨୦ ଓଭରରେ ମାତ୍ର ୨ଟି ଉଇକେଟ ହରାଇ ୩୮୯ ରନ୍‌ର ବିଶାଳ ସ୍କୋର କରିଥିଲା।

୩୯୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଇନ୍ଦ୍ରପ୍ରସ୍ଥ ୱାର୍ଲଡ ସ୍କୁଲର ଦଳ ୧୯.୫ ଓଭରରେ ମାତ୍ର ୧୪୨ ରନ କରି ଅଲଆଉଟ ହୋଇଯାଇଥିଲା। ଫଳରେ ସୁମେରମଲ ଜୈନ ପବ୍ଲିକ ସ୍କୁଲ ୨୪୭ ରନ୍‌ର ବଡ଼ ବ୍ୟବଧାନରେ ମ୍ୟାଚ ଜିତିଥିଲା।

# ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ

**ସମ୍ବଲପୁର ନ୍ୟୁଜ୍‌ବ୍ୟୁରୋ**

ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ ଅବସରରେ ଜିଲ୍ଲାପାଳ ସମ୍ବଲପୁର ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୂ ଏବଂ ପ୍ରଶାସନିକ ଅଧିକାରୀମାନେ ସାଧୁତାର ଶପଥ ପାଠ କରିଛନ୍ତି। ସରକାରୀ ସେବା ଏବଂ ପ୍ରଶାସନିକ କାର୍ଯ୍ୟରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ସଚ୍ଚୋଟତା ବଜାୟ ରଖିବା ପାଇଁ ସେମାନେ ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ପ୍ରଶାସନିକ ସ୍ତରରେ ଦୁର୍ନୀତିମୁକ୍ତ ବାତାବରଣ ସୃଷ୍ଟି କରିବା ଏବଂ ଜନସେବାକୁ ଅଧିକ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଏହି ଶପଥ ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଭର୍ଚ୍ୟୁଆଲ ମାଧ୍ୟମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରଶାସନିକ କ୍ଷେତ୍ରରେ ସଚ୍ଚୋଟତାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ପାଇଁ ଏହି ଅବସରରେ ଗୁରୁତ୍ୱାରୋପ କରାଯାଇଥିଲା।




# ପାଞ୍ଚଦଫା ଦାବି ନେଇ ଜିଲ୍ଲାପାଳଙ୍କୁ ଏଓବିଇଓ-ଜେସିସିର ସ୍ମାରକପତ୍ର



**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ନିଖିଳ ଓଡ଼ିଶା ବ୍ଲକ୍ ସମ୍ପ୍ରସାରଣ ଅଧିକାରୀ ମିଳିତ ସମନ୍ୱୟ ପରିଷଦ (ଏଓବିଇଓ-ଜେସିସି)ର ଆହ୍ୱାନକ୍ରମେ ଯାଜପୁର ଜିଲ୍ଲା ମିଳିତ ସମନ୍ୱୟ ପରିଷଦ (ଡିଜେସିସି) ପକ୍ଷରୁ ମଙ୍ଗଳବାର ଜିଲ୍ଲାପାଳଙ୍କୁ ପାଞ୍ଚଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଚାରିଟି କ୍ୟାଡ଼ରର ଅଧିକାରୀମାନେ ଏକଜୁଟ୍ ହୋଇ ସେମାନଙ୍କର ନ୍ୟାଯ୍ୟ ଅଧିକାର, ସାମାଜିକ ମର୍ଯ୍ୟାଦା ଓ ସେବାଗତ ସ୍ୱୀକୃତି ସମ୍ପର୍କିତ ଦାବିଗୁଡ଼ିକ ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଦୀର୍ଘଦିନ ଧରି ବେତନଗତ ବୈଷମ୍ୟ, ପଦୋନ୍ନତିର ସୀମିତ ସୁଯୋଗ, ଅତ୍ୟଧିକ କାର୍ଯ୍ୟଭାର, କ୍ଷେତ୍ର ପରିଦର୍ଶନଜନିତ ଆର୍ଥିକ ବୋଝ ଏବଂ କର୍ମକ୍ଷେତ୍ରରେ ଆବଶ୍ୟକ ସୁରକ୍ଷାର ଅଭାବ ଭଳି ସମସ୍ୟା ଅଧିକାରୀମାନଙ୍କ ପେସାଦାର ଜୀବନକୁ ପ୍ରଭାବିତ କରୁଛି। ଏହି ସମସ୍ୟାଗୁଡ଼ିକର ସ୍ଥାୟୀ ସମାଧାନ ସହ ଚାରି କ୍ୟାଡରର ଅଧିକାରୀମାନଙ୍କ ସେବା ସର୍ତ୍ତରେ ଉନ୍ନତି ଆଣିବା ଲକ୍ଷ୍ୟରେ ପରିଷଦ ପକ୍ଷରୁ ନିମ୍ନଲିଖିତ ପାଞ୍ଚଦଫା ଦାବି ଉପସ୍ଥାପନ କରାଯାଇଛି।

ପରିଷଦର ପାଞ୍ଚ ଦଫା ଦାବି- ବେତନଗତ ସଂଶୋଧନ : ଚାରି କ୍ୟାଡରର ଅଧିକାରୀମାନଙ୍କ ପ୍ରାରମ୍ଭିକ ବେତନ ସ୍ତରକୁ ପେ' ଲେଭଲ-୧୦ (ଗ୍ରେଡ୍ ପେ ୪,୬୦୦)କୁ ଉନ୍ନୀତ କରିବା। ଯାତାୟାତ ଓ ଇନ୍ଧନ ଭତ୍ତା- ସରକାରୀ କାର୍ଯ୍ୟ ସମ୍ପାଦନ ଏବଂ ନିୟମିତ କ୍ଷେତ୍ର ପରିଦର୍ଶନ ପାଇଁ ପର୍ଯ୍ୟାପ୍ତ ଯାତାୟାତ ଖର୍ଚ୍ଚ କିମ୍ବା ଇନ୍ଧନ ଭତ୍ତା ପ୍ରଦାନ କରିବା। ପଦୋନ୍ନତିର ସୁଯୋଗ- ଅଭିଜ୍ଞ ଓ ଯୋଗ୍ୟ ସମ୍ପ୍ରସାରଣ ଅଧିକାରୀମାନଙ୍କ ପାଇଁ ବ୍ଲକ୍ ଉନ୍ନୟନ ଅଧିକାରୀ ପଦବୀକୁ ପଦୋନ୍ନତିର ସୁଯୋଗ ସୃଷ୍ଟି କରିବା। ସ୍ୱାସ୍ଥ୍ୟ ଓ ଆଇନଗତ ସୁରକ୍ଷା- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅଧୀନରେ ସ୍ୱାସ୍ଥ୍ୟ ସୁରକ୍ଷା ସୁନିଶ୍ଚିତ କରିବା ସହ କର୍ତ୍ତବ୍ୟ ସମ୍ପାଦନ ସମୟରେ ଅଧିକାରୀମାନଙ୍କୁ ଆବଶ୍ୟକ ଆଇନଗତ ସୁରକ୍ଷା ପ୍ରଦାନ କରିବା। କାର୍ଯ୍ୟଭାର ହ୍ରାସ ଓ ସହାୟକ କର୍ମଚାରୀ ନିଯୁକ୍ତିଃ ଅଧିକାରୀମାନଙ୍କ ଉପରେ ନ୍ୟସ୍ତ ଅତିରିକ୍ତ ଦପ୍ତରୀୟ ଓ କିରାଣି କାର୍ଯ୍ୟଭାର ହ୍ରାସ କରିବା ସହ ଦୈନନ୍ଦିନ କାର୍ଯ୍ୟର ସୁଚାରୁ ପରିଚାଳନା ପାଇଁ ଆବଶ୍ୟକ ସହାୟକ କର୍ମଚାରୀ ନିଯୁକ୍ତି କରିବା।

# ଉମରକୋଟ ପ୍ରସିଦ୍ଧ ମା' ପେଣ୍ଡରାଣୀ ମନ୍ଦିରରୁ ଲୁଟ୍ : ଦାନ ହୁଣ୍ଡି ଭାଙ୍ଗି ଟଙ୍କା ନେଲେ ଦୁର୍ବୃତ୍ତ

**ଉମରକୋଟ, ନ୍ୟୁଜ୍‌ବ୍ୟୁରୋ**

ଉମରକୋଟ ସହର ଓ ଆଖପାଖ ଅଞ୍ଚଳରେ ଦିନକୁ ଦିନ ବଢ଼ିଚାଲିଥିବା ଅପରାଧିକ କାର୍ଯ୍ୟକଳାପ ଏବେ ଆଧ୍ୟାତ୍ମିକ ପୀଠଗୁଡ଼ିକର ସୁରକ୍ଷା ପ୍ରତି ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାଳେ କାହାକୁ ଭୟ ନାହିଁ; ଶେଷରେ ଚୋରଙ୍କ ନଜରରୁ ବାଦ୍ ପଡ଼ିନାହାନ୍ତି ସହରର ଆରାଧ୍ୟ ଦେବୀ! ଉମରକୋଟର ପ୍ରସିଦ୍ଧ ମା' ପେଣ୍ଡରାଣୀଙ୍କ ମନ୍ଦିରରୁ ସୋମବାର ରାତିରେ ଦାନ ହୁଣ୍ଡି ଭାଙ୍ଗି ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ସ୍ଥାନୀୟ ଶ୍ରଦ୍ଧାଳୁ ଓ ମନ୍ଦିର କମିଟି ମଧ୍ୟରେ ଅସନ୍ତୋଷ ଏବଂ ତୀବ୍ର ଉଦ୍‌ବେଗ ପ୍ରକାଶ କରିଛି। ମା' ପେଣ୍ଡରାଣୀ ମନ୍ଦିରର ମୁଖ୍ୟ ଫାଟକରେ ସୁରକ୍ଷା ଦୃଷ୍ଟିରୁ ତାଲା ପଡ଼ିଥିଲା। ମାତ୍ର ଦୁର୍ବୃତ୍ତମାନେ ମନ୍ଦିର ପଛପଟ ପାଚେରି ଡେଇଁ ପରିସରକୁ ପ୍ରବେଶ କରିଥିଲେ। ସେଠାରେ ରଖାଯାଇଥିବା ଦାନ ହୁଣ୍ଡିକୁ ସମ୍ପୂର୍ଣ୍ଣ ଭାଙ୍ଗି ସେଥିରେ ଥିବା ସମସ୍ତ ନଗଦ ଟଙ୍କା ଲୁଟି ନେଇ ଫେରାର୍ ହୋଇଯାଇଛନ୍ତି। ହୁଣ୍ଡିରେ କେତେ ଟଙ୍କା ଥିଲା ଏବଂ ଅନ୍ୟ କୌଣସି ପୂଜା ସାମଗ୍ରୀ କିମ୍ବା ମୂଲ୍ୟବାନ ଜିନିଷ ଚୋରି ହୋଇଛି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ।

# ଭତ୍ତା ଟଙ୍କା ନପାଇ ବ୍ଲକ କାର୍ଯ୍ୟାଳୟ ଘେରିଲେ ହିତାଧିକାରୀ

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ମଧ୍ୟ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଏବଂ ବିଧବା ଭତ୍ତା ସମୟ ସୀମା ମଧ୍ୟରେ ନ ମିଳିବା କାରଣରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ସ୍ଥାନୀୟ ବ୍ଲକ ପରିସରରେ ଜମାହୋଇଥିଲେ ୨୬ଟି ପଞ୍ଚାୟତର ଶତାଧିକ ବିଧବା ମହିଳା, ବୃଦ୍ଧ, ବୃଦ୍ଧା, ଶାରୀରିକ ବିକଳାଙ୍ଗ ହିତାଧିକାରୀ ମାନେ। ସେମାନଙ୍କ କହିବା କଥା ଥିଲା ତିନିମାସ ହେବ ପାଇନାହାନ୍ତି ଭତ୍ତା। ଯାହାଫଳରେ ନିଜର ଜୀବନ ଜୀବିକା ଉପରେ ଏହାର ପ୍ରଭାବ ପଡ଼ିବା ସହ ପ୍ରତିଦିନ ଔଷଧ ଖାଉଥିବା ହିତାଧିକାରୀ ଭତ୍ତା ଟଙ୍କା ନ ପାଇବା କାରଣରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ବ୍ୟାଙ୍କ ଖାତାରୁ ଟଙ୍କା ଉଠାଇବା ଅସୁବିଧା ହେବା କାରଣରୁ ହିତାଧିକାରୀଙ୍କ ନିକଟକୁ ଯାଇ ବୁଢାବୁଢ଼ୀଙ୍କ ହାତରେ ଭତ୍ତା ଟଙ୍କା ଦେବାକୁ ଦାବି କରିଥିଲେ। ଯଦି ସପ୍ତାହକ ମଧ୍ୟରେ ସେମାନଙ୍କ କଥା ଅଧିକାରୀ ମାନେ ନ ଶୁଣି ଭତ୍ତା ପ୍ରଦାନ ନ କରନ୍ତି ଆସନ୍ତା ଦିନରେ ରାଜରାସ୍ତାକୁ ଓହ୍ଲାଇବେ ହିତାଧିକାରୀ ବୋଲି ଚେତାବନୀ ଦେଇଥିଲେ।

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର (ରାସ୍ତା ଓ ଗୃହ) ବିଭାଗର ନଂ-୪, ଭୁବନେଶ୍ୱର
Office of the Superintending Engineer, Bhubaneswar (R&B) Division No. IV, Nirman Soudha, Unit-V, Bhubaneswar
E-mail ID- eemb4bbsr@gmail.com
Tel - (0674)-2390245
34001/1062/2627

INVITATIONS FOR BIDS THROUGH e-Procurement
No- 10361 Date- 23.10.2026
Bid Identification No- C.C. (R&B) - 04
e – Procurement Notice No. 13 of 2026-27

| | | |
|---|---|---|
| 1 | Name of the Work | 1 No. Building Work |
| 2 | Total No of works | 1 No. Building Work |
| 3 | Estimated Cost | Rs.45,37,832.00 (As per Tender Call Notice) |
| 4 | Class of Contractor | B Class (As per Tender Call Notice) |
| 5 | Period of Completion | 4 (Four) Calendar Months |
| 6 | Type of Tender | Single Cover System Tender |
| 7 | Date & time of availability of bid document in the portal | Dt.6.11.2026 to Dt.17.11.2026 up to 17.30 Hours. |
| 8 | Last Date & Time for Receipt of bids in the Portal | Dt.17.11.2026 at 17.30 Hours. |
| 9 | Opening of Bid through online | Dt.18.11.2026 at 11.30 Hours |
| 10 | Name & Address of the Officer inviting Bid | Superintending Engineer, Bhubaneswar (R&B) Division No IV, Bhubaneswar |

Further details can be seen from the e-procurement portal https://tendersorissa.gov.in
The Tender Inviting Authority reserves the right to reject / cancel / modify the tender at any time without assigning any reason thereof.
*N.B: Subsequent corrigendum / addendum if required shall be available in the website as indicated above*
OIPR-34001/34090/1/26-27/0005
Sd/- Superintending Engineer, BBSR (R&B) Division No.IV, BBSR

# ମହାନ ହେବା ଅପେକ୍ଷା ଭଲ ହେବା ଶ୍ରେୟ



ଡକ୍ଟର ସ୍ୱାମୀ ଜ୍ଞାନାନନ୍ଦଦାସ

ମହାନତାକୁ ପ୍ରଶଂସା କରୁଥିବା ଏହି ଦୁନିଆରେ, ଆମେ ପ୍ରାୟତଃ ଭଲର ମହତ୍ତ୍ୱକୁ ଭୁଲିଯାଉ। ଗୋଟିଏ ଦିନ, ଉପାଧି ମଳିନ ହୋଇଯାଏ, କରତାଳି ନୀରବ ହୋଇଯାଏ ଏବଂ ପଦବୀ ପରିବର୍ତ୍ତନ ହୁଏ, କିନ୍ତୁ ଏକ ଦୟାଳୁ ହୃଦୟର ଛାପ ସ୍ଥାୟୀ ହୋଇ ରହିଯାଏ। ପ୍ରକୃତ ମହାନତା ଆମେ କେତେ ଉଚ୍ଚତା ହାସଲ କରୁ ତାହା ଦ୍ୱାରା ମପାଯାଏ ନାହିଁ, ବରଂ ଆମେ ଅନ୍ୟମାନଙ୍କ ସହିତ କେତେ ନମ୍ର ବ୍ୟବହାର କରୁ ତାହା ଦ୍ୱାରା ମପାଯାଏ।

ଏକ ଲୋକପ୍ରିୟ କଥା ଅଛି: 'ମହତ୍ତ୍ୱପୂର୍ଣ୍ଣ ହେବା ଭଲ, କିନ୍ତୁ ଭଲ ହେବା ଅଧିକ ଗୁରୁତ୍ୱପୂର୍ଣ୍ଣ।' ମଣିଷ ସ୍ୱାଭାବିକ ଭାବରେ ସ୍ୱୀକୃତି ଏବଂ ପ୍ରଶଂସା ଚାହେଁ। ତଥାପି ପ୍ରଶଂସାର ଆନନ୍ଦ କ୍ଷଣସ୍ଥାୟୀ, ଯେତେବେଳେ ଦୟା ଏବଂ ଆନ୍ତରିକତା ମାଧ୍ୟମରେ ଅର୍ଜିତ ପ୍ରେମ ଜୀବନସାରା ରହିପାରେ। ଧନ, କ୍ଷମତା ଏବଂ ପ୍ରତିଷ୍ଠା ଆମକୁ ଦୁନିଆର ଦୃଷ୍ଟିରେ ଗୁରୁତ୍ୱପୂର୍ଣ୍ଣ କରିପାରେ, କିନ୍ତୁ ଏହା ଆମକୁ ସମ୍ମାନର ଯୋଗ୍ୟ କରେ ନାହିଁ।

ସବୁଠାରୁ ବଡ଼ ଆନନ୍ଦ ସେତେବେଳେ ଆସେ ଯେତେବେଳେ ଲୋକମାନେ ଆମକୁ ସ୍ନେହରେ ମନେ ରଖନ୍ତି, ଆମ ଉପସ୍ଥିତିକୁ ମନେ ପକାନ୍ତି ଏବଂ ବ୍ୟକ୍ତିଗତ ଲାଭର କୌଣସି ଆଶା ବିନା ଆମକୁ ମୂଲ୍ୟ ଦିଅନ୍ତି। ଏପରି ପ୍ରେମକୁ ଆଦେଶ ଦିଆଯାଇପାରିବ ନାହିଁ କିମ୍ବା କିଣାଯାଇପାରିବ ନାହିଁ; ଏହା ସଚ୍ଚୋଟତା, କରୁଣା ଏବଂ ନିଃସ୍ୱାର୍ଥପର ଆଚରଣ ମାଧ୍ୟମରେ ଅର୍ଜିତ ହେବା ଆବଶ୍ୟକ। ଏହି ସଦ୍‌ଗୁଣଗୁଡ଼ିକ ମଧ୍ୟରେ ନମ୍ରତା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ। ଏହା ମଙ୍ଗଳତାର ମୂଳଦୁଆ ଏବଂ ମହାନତାର ପ୍ରକୃତ ଅଳଙ୍କାର। ପ୍ରକୃତରେ ମହାନ ଲୋକମାନେ କେବେବି ଅନ୍ୟମାନଙ୍କ ଉପରେ ନିଜର ଗୁରୁତ୍ୱ ଲଦି ଦିଅନ୍ତି ନାହିଁ। ସେମାନଙ୍କର ସଫଳତା ସେମାନଙ୍କୁ ଅହଂକାରୀ କରେ ନାହିଁ; ବରଂ ସେମାନଙ୍କର ସଫଳତା ସେମାନଙ୍କୁ ଅଧିକ ବିଚାରଶୀଳ କରିଥାଏ। ସେମାନଙ୍କର ନମ୍ରତା ସେମାନଙ୍କ ପଦବୀ ଅପେକ୍ଷା ଅଧିକ ଶକ୍ତିଶାଳୀ ଭାବରେ କଥା କହିଥାଏ ଏବଂ ସେମାନଙ୍କର କୋମଳ ଆଚରଣ ଏପରି ହୃଦୟ ଜିତିଥାଏ ଯାହା ନିକଟକୁ କୌଣସି ପଦବୀ କିମ୍ବା ପୁରସ୍କାର କେବେ ପହଞ୍ଚିପାରିବ ନାହିଁ।

ଆମର ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କଲାମ ଥରେ ନୂଆଦିଲ୍ଲୀରେ ଏକ ପ୍ରତିଷ୍ଠିତ ଭୋଜିରେ ଯୋଗ ଦେଇଥିଲେ। ଭିଆଇପି ସର୍କଲରେ ସୀମିତ ରହିବା ପରିବର୍ତ୍ତେ, ସେ ହୋଟେଲ କର୍ମଚାରୀଙ୍କ ସହିତ ଉଦାରତାର ସହିତ ଆଲୋଚନା କରିଥିଲେ ଏବଂ ସେମାନଙ୍କ କାମ ପାଇଁ ତାଙ୍କର କୃତଜ୍ଞତା ପ୍ରକାଶ କରିଥିଲେ। ତାଙ୍କର ଏହି ଆଚରଣ ତାଙ୍କ କାର୍ଯ୍ୟାଳୟର କର୍ତ୍ତୃତ୍ୱ ଅପେକ୍ଷା ବହୁତ ବଡ଼ ଗୁଣ ପ୍ରକାଶ କରିଥିଲା: ପ୍ରତ୍ୟେକ ବ୍ୟକ୍ତିଙ୍କ ମର୍ଯ୍ୟାଦା ଦେଖିବା ଏବଂ ସମ୍ମାନ କରିବାର କ୍ଷମତା। ପ୍ରମୁଖ ସ୍ୱାମୀ ମହାରାଜ ତାଙ୍କ ଜୀବନ ସାରା ଏହି ନମ୍ରତାକୁ ଅବତାରଣା କରିଥିଲେ। ୧୯୮୫ ମସିହାରେ, ଭାରତର ଧଳା ବିପ୍ଳବର ସ୍ଥପତି ଡକ୍ଟର ଭର୍ଗିସ କୁରିଏନ୍ ସ୍ୱାମୀଜୀଙ୍କ ନିସ୍ୱାର୍ଥପରତା ଏବଂ ସଫଳତା ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଥିଲେ। ସେ ଲକ୍ଷ୍ୟ କରିଥିଲେ ଯେ କେବଳ ପ୍ରମୁଖ ସ୍ୱାମୀ ମହାରାଜଙ୍କ ମୁହଁକୁ ଦେଖିବା ଦ୍ୱାରା ତାଙ୍କର ନିସ୍ୱାର୍ଥପର ସ୍ୱଭାବ ପ୍ରକାଶ ପାଇଥାଏ। ନିଜର ଉଲ୍ଲେଖନୀୟ ସଫଳତା ସତ୍ତ୍ୱେ, କୁରିଏନ୍ ସ୍ୱାମୀଜୀଙ୍କ ଜୀବନ ଏବଂ କାର୍ଯ୍ୟ ଦ୍ୱାରା ନମ୍ର ଅନୁଭବ କରିଥିଲେ।

ଶେଷରେ, ମହାନତା ପ୍ରଶଂସା ଜିତିପାରେ, କିନ୍ତୁ ଭଲପଣ ସ୍ନେହ ଜିତିଥାଏ। ସଫଳତା ଆମକୁ ଇତିହାସରେ ସ୍ଥାନ ଦେଇପାରେ, କିନ୍ତୁ ଚରିତ୍ର ଆମକୁ ଲୋକଙ୍କ ହୃଦୟରେ ସ୍ଥାନ ଦେଇଥାଏ। ଆମକୁ ଆମର ମହତ୍ତ୍ୱାକାଂକ୍ଷାକୁ ହ୍ରାସ କରିବା ଆବଶ୍ୟକ ନୁହେଁ; ଆମକୁ କେବଳ ଏହା ନିଶ୍ଚିତ କରିବାକୁ ପଡିବ ଯେ ସଫଳତା କେବେବି ଆମର ମାନବିକତାକୁ ହ୍ରାସ କରିବ ନାହିଁ।

ତେଣୁ, କେବଳ ଉଚ୍ଚ ହେବାକୁ ଚେଷ୍ଟା କର ନାହିଁ, ବରଂ ନମ୍ର ଏବଂ ଦୃଢ଼ ରହିବାକୁ ଚେଷ୍ଟା କର, କାରଣ ପ୍ରକୃତ ମହିମା ସ୍ୱାଭାବିକ ଭାବରେ ଆସିବ।

ସ୍ୱାମୀଜୀ-ଡକ୍ଟର ଜ୍ଞାନାନନ୍ଦଦାସ ସ୍ୱାମୀ ୨୦୦୫ ମସିହାରେ ନୂଆଦିଲ୍ଲୀର ଅକ୍ଷରଧାମରେ ପରମପୂଜ୍ୟ ପ୍ରମୁଖ ସ୍ୱାମୀ ମହାରାଜଙ୍କ ଦ୍ୱାରା ଦୀକ୍ଷାପ୍ରାପ୍ତ। ତାଙ୍କ ସଂଗଠନରେ ଗଢିଉଠିଛି 'ବିଏପିଏସ' ସ୍ୱାମୀନାରାୟଣ ସଂସ୍ଥା ମନ୍ଦିର: ସ୍ୱାମୀନାରାୟଣ ଅକ୍ଷରଧାମ, ନୂଆଦିଲ୍ଲୀ। ସ୍ୱାମୀଜୀ ଅର୍ଥନୀତିରେ ଏମ.ଏ - ମୋହନଲାଲ ସୁଖାଡ଼ିଆ ବିଶ୍ୱବିଦ୍ୟାଳୟ, ଉଦୟପୁର, ରାଜସ୍ଥାନରୁ, ବେଦାନ୍ତ ଏବଂ ଜ୍ୟୋତିଷ (ବୈଦିକ ଜ୍ୟୋତିଷ)ରେ ଏମ.ଏ - ଶ୍ରୀ ସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଭେରାଭଲ, ଗୁଜରାଟରୁ, ବାସ୍ତୁ ଶାସ୍ତ୍ରରେ ସ୍ନାତକୋତ୍ତର ଡିପ୍ଲୋମା - ରାଜସ୍ଥାନ ବିଦ୍ୟାପୀଠ, ଉଦୟପୁର, ରାଜସ୍ଥାନରୁ ଏବଂ ପିଏଚଡି - ମହାରାଜା ସୟାଜିରାଓ ବିଶ୍ୱବିଦ୍ୟାଳୟ ବରୋଦା, ଗୁଜରାଟରୁ ସଂପୂର୍ଣ୍ଣ କରିଛନ୍ତି। ଏହା ସହିତ ସେ ଅନ୍ୟାନ୍ୟ ବିଷୟରେ ବିଶେଷଜ୍ଞତା ହାସଲ କରିବା ସହ ଆହୁରି ଅନେକ ଡିଗ୍ରୀ ହାସଲ କରିଛନ୍ତି। ପ୍ରଥମ ପ୍ରୟାସରେ ସ୍ୱାମୀଜୀ ଲୋକସେବା ଆୟୋଗ (ୟୁପିଏସସି) ପରୀକ୍ଷା ଉତ୍ତୀର୍ଣ୍ଣ ହୋଇଥିଲେ। ମୁଖ୍ୟ ପରୀକ୍ଷା ଦେବା ପରେ, ଗୁରୁଙ୍କ ଆଜ୍ଞା ଅନୁସାରେ ସମାଧି ଜୀବନରେ ପ୍ରବେଶ କରିଥିଲେ। ସ୍ୱାମୀଜୀଙ୍କ ସଂସ୍କୃତ, ଇଂରାଜୀ, ହିନ୍ଦୀ, ଗୁଜୁରାଟୀ, ମରାଠୀ, ମାରୱାଡ଼ି ଏବଂ ଉର୍ଦ୍ଦୁ ଭାଷାରେ ଅସାଧାରଣ ଦକ୍ଷତା ରହିଛି। ସେ ଅନେକ ପୁସ୍ତକ ଲେଖିଛନ୍ତି, ଯାହା ମଧ୍ୟରୁ ଗୋଟିଏ ଶ୍ରୀ ସୋମନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ବିଏ ପ୍ରଥମ ବର୍ଷର ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଛି। ମୁମ୍ବାଇ ସମାଚାର, ରାଷ୍ଟ୍ରୀୟ ସାହାରା, ଦୈନିକ ଭାସ୍କର, ଦିବ୍ୟ ଭାସ୍କର, ଗୁଜୁରାଟ ମିତ୍ର ଏବଂ ଦି ପାୟୋନିୟର ସମେତ ପ୍ରମୁଖ ଭାରତୀୟ ସମ୍ବାଦପତ୍ରରେ ସ୍ୱାମୀଜୀଙ୍କର ୧,୬୦୦ରୁ ଅଧିକ ପ୍ରବନ୍ଧ ପ୍ରକାଶିତ। ତାଙ୍କର ଅନେକ କାବ୍ୟିକ ରଚନା ରେକର୍ଡ ଏବଂ ସିଡିରେ ପ୍ରକାଶିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ସେ ସାରଙ୍ଗପୁରର ସଂସ୍କୃତ କଲେଜରେ ୧୫ ବର୍ଷ ପାଇଁ ପ୍ରଫେସର ଭାବରେ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନର ସହକାରୀ ନିର୍ଦ୍ଦେଶକ, 'ବିଏପିଏସ' ସ୍ୱାମୀନାରାୟଣ ଗବେଷଣା ପ୍ରତିଷ୍ଠାନ, ଅକ୍ଷରଧାମ, ନୂଆଦିଲ୍ଲୀ ଦାୟିତ୍ୱରେ ଅଛନ୍ତି ଏବଂ 'ବିଏପିଏସ' ସ୍ୱାମୀନାରାୟଣ ସଂସ୍ଥାର ମିଡିଆ ସେଲର ଭାବରେ କାର୍ଯ୍ୟରତ ଅଛନ୍ତି।

ଭୁବନେଶ୍ୱର, ୨୮ ଅକ୍ଟୋବର, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27



ଗଜଲକ୍ଷ୍ମୀ ସାଂସ୍କୃତିକ ସଂଘ ଖାରବେଳ ନଗର, ୟୁନିଟ୍-୩



ଚନ୍ଦ୍ରଶେଖରପୁର, କ୍ଲବ ଟାଉନ ଲକ୍ଷ୍ମୀପୂଜା ସମିତି

ଗଜଲକ୍ଷ୍ମୀ ପୂଜା ଅବସରରେ ଭୁବନେଶ୍ୱରର ବିଭିନ୍ନ ମଣ୍ଡପରେ ପୂଜା ପାଉଛନ୍ତି ମା' ମହାଲକ୍ଷ୍ମୀ। (ଫଟୋ : ସମ୍ବାଦ କଳିକା)



ପୁରୁଣା ଷ୍ଟେସନ ବଜାର

# ଭୁବନେଶ୍ୱରରୁ ଗୁଜରାଟ'ର ଏକତା ନଗର ଅଭିମୁଖେ ସ୍ୱତନ୍ତ୍ର ଟ୍ରେନ୍ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୭/୧୦**
**ନ୍ୟୁଜ ବ୍ୟୁରୋ**

ଆସନ୍ତା ଅକ୍ଟୋବର ୩୧ ତାରିଖରେ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୧ତମ ଜନ୍ମବାର୍ଷିକୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଗୁଜରାଟର ଏକତା ନଗରସ୍ଥିତ 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ନିକଟରେ ଅନୁଷ୍ଠିତ ହେବାକୁଥିବା ଜାତୀୟ ପରେଡ୍‌ରେ ଯୋଗଦେବା ପାଇଁ ମଙ୍ଗଳବାର ଭୁବନେଶ୍ୱର ନୂଆ ରେଳ ଷ୍ଟେସନରୁ ଏକ ସ୍ୱତନ୍ତ୍ର ଟ୍ରେନ୍‌କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ରାଜ୍ୟର ୧୯ଟି ନକ୍ସଲମୁକ୍ତ ଜିଲ୍ଲାରୁ ପ୍ରାୟ ଏକ ହଜାର ଜଣ ପ୍ରତିନିଧି ଏହି ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଗୁଜରାଟ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି, ଯେଉଁମାନେ କି ଏକତା ନଗରରେ ଶାନ୍ତି, ସୁରକ୍ଷା ଏବଂ ପ୍ରଗତିର ପ୍ରତୀକ ଭାବେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଏହି ଶୁଭାରମ୍ଭ ଅବସରରେ ଗଣମାଧ୍ୟମକୁ ବାର୍ତ୍ତା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି ଯେ ଏକ ଅସାଧାରଣ ନେତୃତ୍ୱ ଓ ଦୃଢ଼ ସଂକଳ୍ପ ବଳରେ ସର୍ଦ୍ଦାର ପଟେଲ ଦେଶର ୫୫୦ରୁ ଅଧିକ ଦେଶୀୟ ରାଜ୍ୟକୁ ଏକତ୍ରିତ କରି ଆଜିର ଅଖଣ୍ଡ ଭାରତ ଗଠନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ ମସିହାରେ କ୍ଷମତାକୁ ଆସିବା ପରେ ପ୍ରତିବର୍ଷ ତାଙ୍କ ଜନ୍ମଦିବସକୁ 'ରାଷ୍ଟ୍ରୀୟ ଏକତା ଦିବସ' ଭାବେ ପାଳନ କରି ତାଙ୍କ ପ୍ରତି ଯଥାର୍ଥ ସମ୍ମାନ ପ୍ରଦର୍ଶନ କରିଆସୁଛନ୍ତି। ଚଳିତ ବର୍ଷର ଏହି ଜାତୀୟ ସ୍ତରୀୟ ଏକତା ପ୍ୟାରେଡ୍ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ଭାରତର ଚିତ୍ରକୁ ପ୍ରତିଫଳିତ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦୃଢ଼ ନେତୃତ୍ୱ ଏବଂ ଦେଶ ତଥା ରାଜ୍ୟର ସୁରକ୍ଷା ବାହିନୀଙ୍କ ପ୍ରଚେଷ୍ଟା ଫଳରେ ଦେଶ ଏବଂ ଓଡ଼ିଶା ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇ ଦ୍ରୁତ ଗତିରେ ବିକାଶ ପଥରେ ଆଗେଇ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଭିତ୍ତିଭୂମି ନିର୍ମାଣ ସହିତ ସାମାଜିକ ଓ ଅର୍ଥନୈତିକ ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି।




## ନବୀନଙ୍କ ଚିଠିର ଉତ୍ତର ଦେଲେ ମୁଖ୍ୟମନ୍ତ୍ରୀ

# 'ସମାଧାନ ପାଇଁ ଗଠନମୂଳକ ପରାମର୍ଶ ଥିଲେ ଦିଅନ୍ତୁ'





**ଭୁବନେଶ୍ୱର, ୨୭/୧୦ ନ୍ୟୁଜ ବ୍ୟୁରୋ**

କୋଟିଆ ସୀମା ବିବାଦକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଚିଠିର ଉତ୍ତର ଦେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ନବୀନଙ୍କ ଚିଠିର ଜବାବ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୧୯୩୬ରେ ଓଡ଼ିଶା ଗଠନ ହେବା ପରଠାରୁ କୋଟିଆ ଗ୍ରାମପୁଞ୍ଜ ରାଜ୍ୟର ଅବିଚ୍ଛେଦ୍ୟ ଅଂଶ । ଓଡ଼ିଶାର ଭୌଗୋଳିକ ଅଖଣ୍ଡତା ଓ ସ୍ୱାର୍ଥର ସୁରକ୍ଷା ପାଇଁ ସରକାର ପ୍ରତିବଦ୍ଧ । କୋଟିଆ ପ୍ରସଙ୍ଗକୁ ରାଜନୈତିକ ଦୃଷ୍ଟିକୋଣରୁ ନୁହେଁ, ବରଂ ଆଇନ୍‌ଗତ ଓ ସାମ୍ବିଧାନିକ ଉପାୟରେ ସମାଧାନ କରିବା ଆବଶ୍ୟକ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କୋଟିଆ ଓ ଆଖପାଖ ଅଞ୍ଚଳର ସମନ୍ୱିତ ବିକାଶ ପାଇଁ ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଛି । ଏଥିସହ ଅଞ୍ଚଳର ବିକାଶ ଓ ଲୋକଙ୍କ ଜୀବନଧାରଣର ମାନ ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ଦୀର୍ଘଦିନର ଏହି ବିବାଦର ସମାଧାନ ପାଇଁ ନବୀନବାବୁ ଗଠନମୂଳକ ପରାମର୍ଶ ଦିଅନ୍ତୁ ବୋଲି ଚିଠିରେ ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ।

# ତଥ୍ୟ ସୁରକ୍ଷା ଆଇନକୁ ଚ୍ୟାଲେଞ୍ଜ୍ : କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୭/୧୦**

ଡିଜିଟାଲ୍ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନର କେତେକ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ୍ କରି ଦାଏର ହୋଇଥିବା ଏକ ଆବେଦନ ଉପରେ ମଙ୍ଗଳବାର କେନ୍ଦ୍ର ସରକାରଙ୍କ ଜବାବ ଲୋଡ଼ିଛନ୍ତି ସୁପ୍ରିମକୋର୍ଟ । ଏହି ଆଇନର କେତେକ ବ୍ୟବସ୍ଥା ସାମ୍ବାଦିକତାର ସ୍ୱାଧୀନତା ଓ ସୂଚନା ଅଧିକାରକୁ କ୍ଷୁଣ୍ଣ କରୁଥିବା ଆବେଦନରେ ଅଭିଯୋଗ କରାଯାଇଛି । ଭାରତର ମୁଖ୍ୟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ବିଚାରପତି ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ବିଚାରପତି ଜଷ୍ଟିସ୍ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଡିଜିଟାଲ୍ ନ୍ୟୁଜ୍ ପବ୍ଲିଶର୍ସ ଆସୋସିଏସନ୍ ପକ୍ଷରୁ ହାଜର ହୋଇଥିବା ବରିଷ୍ଠ ଆଇନଜୀବୀ ମାଧବୀ ଦିବାନ୍‌ଙ୍କ ଯୁକ୍ତି ଶୁଣିବା ପରେ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି।



ଡାଟା ସୁରକ୍ଷା ଆଇନର କେତେକ ବ୍ୟବସ୍ଥା ଓ ଏହା ସହ ଜଡ଼ିତ ନିୟମଗୁଡ଼ିକୁ ଅସାମ୍ବିଧାନିକ ଘୋଷଣା କରିବା ସହ ରଦ୍ଦ କରିବାକୁ ଆବେଦନରେ ଦାବି କରାଯାଇଛି। ଏହି ଆଇନରେ ସାମ୍ବାଦିକତା କାର୍ଯ୍ୟକଳାପ ପାଇଁ ସ୍ପଷ୍ଟ ଛାଡ଼ ବ୍ୟବସ୍ଥା ନଥିବାରୁ ଖବର ସଂଗ୍ରହ ଓ ପ୍ରକାଶନରେ ଗୁରୁତର ବାଧା ସୃଷ୍ଟି ହୋଇପାରେ ବୋଲି ଆବେଦନକାରୀ ଯୁକ୍ତି ଦର୍ଶାଇଛନ୍ତି । ଏହାଦ୍ୱାରା ଅନୁସନ୍ଧାନମୂଳକ ସାମ୍ବାଦିକତା ପ୍ରଭାବିତ ହେବା ସହ ସୂଚନାର ଉତ୍ସଗୁଡ଼ିକର ଗୋପନୀୟତା ମଧ୍ୟ ବିପଦରେ ପଡ଼ିପାରେ ବୋଲି କୁହାଯାଇଛି । ଦେଶର ପ୍ରମୁଖ ଗଣମାଧ୍ୟମ ସଂସ୍ଥାଗୁଡ଼ିକର ଡିଜିଟାଲ୍ ୱିଙ୍ଗ୍‌କୁ ନେଇ ଗଠିତ ଡିଏନ୍‌ପିଏରେ ଦି ଇଣ୍ଡିଆନ୍ ଏକ୍ସପ୍ରେସ୍, ଦି ହିନ୍ଦୁ, ଇଣ୍ଡିଆ ଟୁଡେ, ଟାଇମ୍ସ ଗ୍ରୁପ୍, ଜି ନ୍ୟୁଜ୍, ଏନ୍‌ଡିଟିଭି, ନେଟୱାର୍କ ୧୮ ଆଦି ସଂସ୍ଥା ସାମିଲ ଅଛନ୍ତି। ଏହି ଆଇନର ବିଭିନ୍ନ ବ୍ୟବସ୍ଥା ଗଣମାଧ୍ୟମର ସ୍ୱାଧୀନତା ଉପରେ ନକାରାତ୍ମକ ପ୍ରଭାବ ପକାଉଥିବା ସଂଘ ଅଭିଯୋଗ କରିଛି । ଆସନ୍ତା ନଭେମ୍ବର ୧୭ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସେହିଦିନ ଏ ସମ୍ପର୍କିତ ଅନ୍ୟ ବିଚାରାଧୀନ ମାମଲାଗୁଡ଼ିକ ସହ ଏହାର ଶୁଣାଣି କରାଯିବ। ଶୁଣାଣି ସମୟରେ ମାଧବୀ ଦିବାନ୍ ବିବାଦୀୟ ବ୍ୟବସ୍ଥାଗୁଡ଼ିକର କାର୍ଯ୍ୟକାରିତା ଉପରେ ରୋକ୍ ଲଗାଇବା ପାଇଁ ନୋଟିସ୍ ଜାରି କରିବାକୁ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ। ଏହି ବ୍ୟବସ୍ଥାଗୁଡ଼ିକ ଲାଗୁ ହେଲେ ନ୍ୟୁଜ୍‌ରୁମ୍‌ଗୁଡ଼ିକ ବନ୍ଦ ହୋଇଯିବ ବୋଲି ସେ ଜୋର୍ ଦେଇ କହିଥିଲେ। ତେବେ ଅନ୍ୟ ପକ୍ଷର ଯୁକ୍ତି ଶୁଣିବା ପୂର୍ବରୁ ଏକତରଫା ଭାବେ କୌଣସି ଆଦେଶ ଦେବାକୁ ଖଣ୍ଡପୀଠ ମନା କରିଥିଲେ।

# 'ଅର୍ଣ୍ଣବ' ମୁକାବିଲା ପାଇଁ ଜଳ ସମ୍ପଦ ବିଭାଗର ସମୀକ୍ଷା

**ଭୁବନେଶ୍ୱର,୨୭/୧୦ ନ୍ୟୁଜ ବ୍ୟୁରୋ**

ବାତ୍ୟା 'ଅର୍ଣ୍ଣବ' ଏବଂ ଏହାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଜଳ ସମ୍ପଦ ବିଭାଗର ପ୍ରସ୍ତୁତି ସମୀକ୍ଷା ନିମନ୍ତେ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଦିଲୀପ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସମ୍ଭାବ୍ୟ ବର୍ଷାର ପୂର୍ବାନୁମାନ, ଜଳଭଣ୍ଡାରଗୁଡ଼ିକର ସ୍ଥିତି, ଜଳ ପ୍ରବେଶ ଓ ନିଷ୍କାସନ ଏବଂ କ୍ଷେତ୍ରସ୍ତରୀୟ ଯନ୍ତ୍ରୀମାନଙ୍କ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବର୍ଷାର ପରିମାଣ, ନଦୀ ଓ ଜଳଭଣ୍ଡାରଗୁଡ଼ିକର ଜଳସ୍ତର ଏବଂ ଜଳ ପ୍ରବେଶ ଓ ନିଷ୍କାସନ ଉପରେ ନିରନ୍ତର ନଜର ରଖିବାକୁ ଗୁରୁତ୍ୱ ଦିଆଯାଇଥିଲା। ବିଶେଷକରି ଦକ୍ଷିଣ ଓଡ଼ିଶାର ଇନ୍ଦ୍ରାବତୀ, କୋଲାବ, ବାଲିମେଳା, ଭଞ୍ଜନଗର, ହରଭଙ୍ଗୀ ଓ ଭାସ୍କେଲ ଭଳି ପ୍ରମୁଖ ଓ ମଧ୍ୟମ ଜଳଭଣ୍ଡାରଗୁଡ଼ିକର ଜଳସ୍ତର ଉପରେ ନିୟମିତ ନଜର ରଖିବା ସହ ସମ୍ଭାବ୍ୟ ବାତ୍ୟାଜନିତ ବର୍ଷାରୁ ଆସିବାକୁ ଥିବା ଅତିରିକ୍ତ ଜଳକୁ ଧାରଣ କରିବା ପାଇଁ ଜଳଭଣ୍ଡାରଗୁଡ଼ିକୁ ସୁରକ୍ଷିତ ସ୍ତରରେ ରଖିବା ଉପରେ ଆଲୋଚନା ହୋଇଥିଲା। ଏଥିସହ ହୀରାକୁଦ ଜଳଭଣ୍ଡାରର ସ୍ଥିତି ଓ ପରିଚାଳନା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ସମ୍ଭାବ୍ୟ ପରିସ୍ଥିତିର ନିୟମିତ ଆକଳନ କରିବା, ନିଜ ନିଜ ଅଞ୍ଚଳରେ ସତର୍କ ରହିବା ଏବଂ ଆବଶ୍ୟକତା ଅନୁଯାୟୀ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ସମ୍ପୃକ୍ତ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଜିଲ୍ଲା ପ୍ରଶାସନ ସହ ନିରନ୍ତର ସମନ୍ୱୟ ରକ୍ଷା କରିବା ଏବଂ ଆବଶ୍ୟକ ସୂଚନା ତୁରନ୍ତ ଆଦାନପ୍ରଦାନ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ନଦୀବନ୍ଧର ସମ୍ବେଦନଶୀଳ ସ୍ଥାନଗୁଡ଼ିକର ନିୟମିତ ଯାଞ୍ଚ, କ୍ଷେତ୍ରସ୍ତରୀୟ ଦଳଗୁଡ଼ିକୁ ପ୍ରସ୍ତୁତ ରଖିବା ଏବଂ ଜରୁରୀକାଳୀନ ମୁକାବିଲା ପାଇଁ ଆବଶ୍ୟକ ମାନବ ସମ୍ବଳ ଓ ସାମଗ୍ରୀ ଉପଲବ୍ଧ ରଖିବା ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ତେଲ ଅବବାହିକା, ଇନ୍ଦ୍ରାବତୀ-କୋଲାବ ଅବବାହିକା, ଆରବିଭିଏନ୍ ପୋଟେରୁ ଓ ମହାନଦୀ ଅବବାହିକା ଅନ୍ତର୍ଗତ ସମ୍ପୃକ୍ତ ମୁଖ୍ୟଯନ୍ତ୍ରୀ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀମାନେ ଯୋଗ ଦେଇଥିଲେ।

## କେନ୍ଦ୍ରାଞ୍ଚଳର ସମସ୍ତ ୭ଟି ଜିଲ୍ଲାରେ ହାଇ ଆଲର୍ଟ

# ଓଡ୍ରାଫ୍ ଟିମ୍ ମୁତୟନ : ପୋଲିସ କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟା ସକ୍ରିୟ

**କଟକ, ୨୭/୧୦ ନ୍ୟୁଜ ବ୍ୟୁରୋ**

ଆସନ୍ନ ବାତ୍ୟା 'ଅର୍ଣ୍ଣବ' ଏବଂ ପ୍ରବଳ ବର୍ଷା, ଝଡ଼ ପବନ ଓ ଜଳବନ୍ଦୀ ସ୍ଥିତିର ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଓଡ଼ିଶା ପୋଲିସ ପକ୍ଷରୁ କେନ୍ଦ୍ରାଞ୍ଚଳ ଅଧୀନସ୍ଥ ସମସ୍ତ ୭ଟି ଜିଲ୍ଲା—କଟକ ଗ୍ରାମାଞ୍ଚଳ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ଼ ଓ ପୁରୀକୁ ହାଇ ଆଲର୍ଟରେ ରଖାଯାଇଛି । କେନ୍ଦ୍ରାଞ୍ଚଳ ଆଇଜି ଡଃ ସତ୍ୟଜିତ ନାୟକ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତିର ସମୀକ୍ଷା କରିବା ସହ ସମସ୍ତ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକମାନଙ୍କୁ ଜିଲ୍ଲା ପ୍ରଶାସନ, ଓଡ୍ରାଫ୍, ଅଗ୍ନିଶମ ସେବା, ଓସଡମା ଏବଂ ଅନ୍ୟାନ୍ୟ ସଂସ୍ଥା ସହ ସମନ୍ୱୟ ରକ୍ଷା କରି ସମସ୍ତ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜନଜୀବନ ଓ ସମ୍ପତ୍ତିର ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା ଏବଂ ପ୍ରସ୍ତୁତିରେ କୌଣସି ପ୍ରକାର ଅବହେଳା ଗ୍ରହଣୀୟ ନୁହେଁ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ବିପଦସଙ୍କୁଳ, ତଳିଆ, ବନ୍ୟାପ୍ରବଣ ଓ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ପୋଲିସ କର୍ମଚାରୀ ମୁତୟନ କରାଯାଇଛି, ଯାହାଦ୍ୱାରା ଆବଶ୍ୟକ ସମୟରେ ଲୋକଙ୍କ ନିକଟରେ ତୁରନ୍ତ ସହାୟତା ପହଞ୍ଚିପାରିବ। ପୁରୀ, ଜଗତସିଂହପୁର, କଟକ ଓ ଖୋର୍ଦ୍ଧା ଜିଲ୍ଲାରେ ୪ଟି ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି । ବିପଦସଙ୍କୁଳ ଅଞ୍ଚଳରୁ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବାରେ ପୋଲିସ ପ୍ରଶାସନକୁ ସହଯୋଗ କରୁଛି। ଏହି ପ୍ରକ୍ରିୟାରେ ବୟସ୍କ ବ୍ୟକ୍ତି, ଶିଶୁ, ମହିଳା, ଗର୍ଭବତୀ ମହିଳା ଏବଂ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପ୍ରତି ବିଶେଷ ଧ୍ୟାନ ଦିଆଯାଉଛି। ରାସ୍ତାଘାଟକୁ ଯାତାୟାତ ଉପଯୋଗୀ ରଖିବା ପାଇଁ ପୋଲିସ ପକ୍ଷରୁ ଟ୍ରାଫିକ୍ ନିୟନ୍ତ୍ରଣ, ଜଳବନ୍ଦୀ ରାସ୍ତାରୁ ଜଳ ନିଷ୍କାସନ ଏବଂ ରାସ୍ତା ଉପରେ ପଡ଼ିଥିବା ଗଛଗୁଡ଼ିକୁ ଯଥାଶୀଘ୍ର ହଟାଇବାରେ ସମନ୍ୱୟ ରଖାଯିବ। ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି, ରିଲିଫ୍ ଯାନ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସେବାର ଯାତାୟାତକୁ ସୁନିଶ୍ଚିତ କରାଯିବ। ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ଅଞ୍ଚଳରେ ଚୋରି ଓ ଲୁଟ୍‌ପାଟ୍ ରୋକିବା ପାଇଁ ପୋଲିସର ଦୃଶ୍ୟମାନ ଉପସ୍ଥିତି, ପାଟ୍ରୋଲିଂ ଏବଂ ରାତ୍ରିକାଳୀନ ପହରା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ଜିଲ୍ଲା ପୋଲିସ କଣ୍ଟ୍ରୋଲ ରୁମ୍‌ଗୁଡ଼ିକ ୨୪ ଘଣ୍ଟା ସକ୍ରିୟ ରହି ଜରୁରୀକାଳୀନ ସହାୟତା ଅନୁରୋଧ ଗ୍ରହଣ କରିବା ସହ ତୁରନ୍ତ ପଦକ୍ଷେପ ନିଆଯିବ। ବାତ୍ୟା ପରେ ଅତ୍ୟାବଶ୍ୟକ ସେବାଗୁଡ଼ିକର ଶୀଘ୍ର ପୁନଃରୁଦ୍ଧାର ପାଇଁ ପୋଲିସ ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ୍ ବିଭାଗ, ପୂର୍ତ୍ତ ବିଭାଗ ଏବଂ ଅନ୍ୟାନ୍ୟ ବିଭାଗ ସହ ନିରନ୍ତର ସମନ୍ୱୟ ରକ୍ଷା କରୁଛି । ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ପୁରୀ ଜିଲ୍ଲାରେ ସ୍ୱତନ୍ତ୍ର ଉପକୂଳ ସତର୍କତା ଜାରି କରାଯାଇଛି। ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସୁରକ୍ଷା ସହ ସମୁଦ୍ରତଟ ଓ ସମୁଦ୍ର ନିକଟକୁ ଲୋକଙ୍କ ଯାତାୟାତ ରୋକିବା ଉପରେ ପୋଲିସ ବିଶେଷ ଧ୍ୟାନ ଦେବ। ଓଡ଼ିଶା ପୋଲିସ ଜନସାଧାରଣଙ୍କୁ ଶାନ୍ତ ରହିବା ସହ ଆତଙ୍କିତ ନହେବାକୁ ଅନୁରୋଧ କରୁଛି।



# ୧୫୮ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ : ଜଣେ ଗିରଫ

**କଟକ, ୨୭।୧୦**
**ନ୍ୟୁଜ ବ୍ୟୁରୋ**

ନିଶା କାରବାର ବିରୋଧରେ ଅବକାରୀ ବିଭାଗର ଅଭିଯାନକୁ ଆଉ ଏକ ସଫଳତା ମିଳିଛି । କଟକ ସ୍ଥିତ ଅବକାରୀ ଗୁଇନ୍ଦା ଓ ଏନ୍‌ଫୋର୍ସମେଣ୍ଟ ବ୍ୟୁରୋ ୟୁନିଟ୍-୧ର ଫ୍ଲାଇଂ ସ୍କ୍ୱାଡ୍ ଖୋର୍ଦ୍ଧା ଜିଲ୍ଲାର ବାଲିପାଟଣା ଥାନା ଅଞ୍ଚଳରେ ଚଢ଼ଉ କରି ୧୫୮ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରିଛି । ଏହାର ଆନୁମାନିକ ବଜାର ମୂଲ୍ୟ ୧୫ ଲକ୍ଷ ୮୨ ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଏହି ଘଟଣାରେ ଭାପୁର ନାଥ ସାହିର ସରୋଜ କୁମାର ନାଥ (୨୯)ଙ୍କୁ ଗିରଫ କରାଯାଇଛି। ଅବକାରୀ ଅଧୀକ୍ଷକ ସମରଜିତ ଦାଶଙ୍କ ନିର୍ଦ୍ଦେଶକ୍ରମେ ଏବଂ ଉପ-ଅବକାରୀ ଅଧୀକ୍ଷକ ରୋଶନ ଇସୁ ହାଁସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଙ୍ଗଳବାର ଏହି ଚଢ଼ଉ କରାଯାଇଥିଲା। ବାଲିପାଟଣା ଥାନା ଅନ୍ତର୍ଗତ ପଦପଟଣା ଛକ ନିକଟସ୍ଥ ତ୍ରିବେଣୀଶ୍ୱର ମନ୍ଦିର ସମ୍ମୁଖରେ ଅବକାରୀ ଟିମ୍ ଚଢ଼ଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା। ତାଙ୍କଠାରୁ ବ୍ରାଉନ୍ ସୁଗାର ସହ ଗୋଟିଏ ଆଇଟେଲ୍ କିପ୍ୟାଡ୍ ମୋବାଇଲ୍ ଫୋନ୍ ଏବଂ ବିକ୍ରି ଟଙ୍କା ବାବଦରେ ୬୦୦ ଟଙ୍କା ଜବତ କରାଯାଇଛି । ଏହି ଘଟଣାରେ ଏନ୍‌ଡିପିଏସ୍ ଆଇନ, ୧୯୮୫ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ଭୁବନେଶ୍ୱର ସ୍ଥିତ ଜିଲ୍ଲା ଓ ଦୌରା ଜଜ୍-ତଥା-ସ୍ୱତନ୍ତ୍ର ଜଜ୍‌ଙ୍କ ଅଦାଲତରେ ହାଜର କରାଯାଇଥିଲା। ତାଙ୍କ ଜାମିନ ଆବେଦନ ଖାରଜ ହେବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି ।



# ସଡ଼କ ଦୁର୍ଘଟଣାରେ ୨ ମୃତ : ଜଣେ ଗୁରୁତର

**କାମାକ୍ଷାନଗର,୨୭।୧୦**
**ନ୍ୟୁଜ ବ୍ୟୁରୋ**

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ୫୩ନଂ ଜାତୀୟ ରାଜପଥର ମୁକ୍ତାପଶି ମେଡିକାଲ ଛକରେ ଘଟିଛି ମର୍ମନ୍ତୁଦ ଦୁର୍ଘଟଣା। ଅଜଣା ଗାଡି ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ଦ୍ୱୟ ହେଲେ କାମାକ୍ଷାନଗର ଥାନା ପଥରଖମ୍ବ ଗ୍ରାମ ଶାନ୍ତିନଗର ସାହିର ଅଜିତ ନାଏକ ଓ ଅନିଲ ନାଏକ। ସେହି ଗାଁର ସୁମନ୍ତ ନାଏକ ଏହି ଦୁର୍ଘଟଣାରେ ଗୁରୁତର ହୋଇଛନ୍ତି।

# ଶିଶୁଭବନ ଓ ଏସ୍‌ସିବିରେ ଔଷଧ ଅଭାବ : ରୋଗୀ ହଟହଟା

**କଟକ, ୨୭/୧୦**
**ନ୍ୟୁଜ ବ୍ୟୁରୋ**

କଟକର ଦୁଇ ପ୍ରମୁଖ ସରକାରୀ ଡାକ୍ତରଖାନାରେ ଅତ୍ୟାବଶ୍ୟକ ଔଷଧ ଓ ଚିକିତ୍ସା ସାମଗ୍ରୀର ଅଭାବକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ଶିଶୁଭବନରେ ପାରାସିଟାମଲ ଓ ସାଲାଇନ୍ ନାଜାଲ ଡ୍ରପ୍ ମିଳୁନଥିବା ବେଳେ ଏସ୍‌ସିବି ମେଡିକାଲର ଟ୍ରମା କାଜୁଆଲିଟିରେ ଗଜ୍ କପଡ଼ା ଓ ପାରାସିଟାମଲ ଇଞ୍ଜେକ୍ସନ୍ ଅଭାବ ଦେଖାଦେଇଛି । ଫଳରେ ସରକାରୀ ଡାକ୍ତରଖାନାରେ ମାଗଣାରେ ମିଳିବାକୁ ଥିବା ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ରୋଗୀଙ୍କ ସମ୍ପର୍କୀୟଙ୍କୁ ବାହାର ଔଷଧ ଦୋକାନ ଉପରେ ନିର୍ଭର କରିବାକୁ ପଡୁଛି। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ପ୍ରତିଷ୍ଠାନ (ଶିଶୁଭବନ)ରେ ପ୍ରାୟ ଏକ ସପ୍ତାହ ହେବ ପାରାସିଟାମଲ ଓ ସାଲାଇନ୍ ନାଜାଲ ଡ୍ରପ୍ ଉପଲବ୍ଧ ହେଉନଥିବା ଅଭିଯୋଗ ହୋଇଛି। ଔଷଧ ନଥିବା କହି ରୋଗୀଙ୍କ ଅଭିଭାବକଙ୍କୁ ଫେରାଇ ଦିଆଯାଉଥିବାରୁ ସେମାନେ ବାଧ୍ୟ ହୋଇ ବାହାରୁ ଔଷଧ କିଣୁଛନ୍ତି। ଶୀତଋତୁ ଆରମ୍ଭ ହୋଇଥିବାରୁ ଶିଶୁଙ୍କଠାରେ ଥଣ୍ଡା, ଜ୍ୱର ଓ ଶ୍ୱାସଜନିତ ସଂକ୍ରମଣର ଆଶଙ୍କା ବଢୁଥିବା ବେଳେ ଏହି ଦୁଇ ଔଷଧର ଅଭାବ ଚିନ୍ତା ବଢ଼ାଇଛି । ଶିଶୁଭବନକୁ ଔଷଧ ଯୋଗାଣ କରୁଥିବା ଓଡ଼ିଶା ରାଜ୍ୟ ଔଷଧ ନିଗମ (ଓଏସ୍‌ଏମ୍‌ସିଏଲ୍) ପକ୍ଷରୁ ନିୟମିତ ଔଷଧ ଯୋଗାଣରେ ବାଧା ସୃଷ୍ଟି ହୋଇଥିବା କୁହାଯାଉଛି। ପୂର୍ବରୁ ପ୍ରତି ଦୁଇରୁ ତିନି ଦିନରେ ଔଷଧ ଯୋଗାଣ ହେଉଥିବା ବେଳେ ଏବେ ତାହା ବନ୍ଦ ରହିଛି। ଡାକ୍ତରଖାନା କର୍ତ୍ତୃପକ୍ଷ ଏନେଇ ବାରମ୍ବାର ଅବଗତ କରାଇବା ପରେ କିଛିଦିନ ପାଇଁ ପାରାସିଟାମଲ ଯୋଗାଇ ଦିଆଯାଇଥିଲା। ପରେ ପୁଣି ଯୋଗାଣ ବନ୍ଦ ହୋଇଯାଇଥିବା ଜଣାପଡ଼ିଛି। ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡା. ସୁନୀଲ କୁମାର ଅଗ୍ରୱାଲ କହିଛନ୍ତି ଯେ ଶୀତ ଋତୁରେ ନାଜାଲ ଡ୍ରପ୍ ଓ ପାରାସିଟାମଲର ଆବଶ୍ୟକତା ବଢ଼ିଥାଏ। ନବଜାତ ଓ ଶିଶୁଙ୍କ ଚିକିତ୍ସାରେ ଏହି ଔଷଧ ଗୁରୁତ୍ୱପୂର୍ଣ୍ଣ। ଯୋଗାଣକାରୀ ସଂସ୍ଥା ନିୟମିତ ଔଷଧ ଯୋଗାଇବା ଉଚିତ। ଏହି ସଂସ୍ଥା ଯୋଗାଣ ନେଇ ପ୍ରତିଶ୍ରୁତି ଦେଇ ମଧ୍ୟ ବିଫଳ ହୋଇଛି। ଆଗକୁ ଏଭଳି ସ୍ଥିତି ଜାରି ରହିଲେ ସରକାରଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ, ଏସ୍‌ସିବି ମେଡିକାଲର ଟ୍ରମା କାଜୁଆଲିଟିରେ ମଧ୍ୟ ଏକ ସପ୍ତାହରୁ ଅଧିକ ସମୟ ହେବ ଗଜ୍ କପଡ଼ା ଓ ପାରାସିଟାମଲ ଇଞ୍ଜେକ୍ସନ୍ ଅଭାବ ଲାଗି ରହିଥିବା ଅଭିଯୋଗ ହୋଇଛି। ଏନେଇ ଦାୟିତ୍ୱରେ ଥିବା କର୍ମଚାରୀମାନେ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ ମଧ୍ୟ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଉନଥିବା କୁହାଯାଉଛି। ଫଳରେ ରୋଗୀଙ୍କ ସମ୍ପର୍କୀୟମାନେ ପାରାସିଟାମଲ ଇଞ୍ଜେକ୍ସନ୍ ପାଇଁ ୧୫୦ ଟଙ୍କାରୁ ଅଧିକ ଏବଂ ଗଜ୍ କପଡ଼ା ପାଇଁ ୬୦ରୁ ୮୦ ଟଙ୍କା ଖର୍ଚ୍ଚ କରୁଛନ୍ତି। ସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଆସୁଥିବା ଗରିବ ଓ ମଧ୍ୟବିତ୍ତ ପରିବାର ଏଭଳି ଅତିରିକ୍ତ ଖର୍ଚ୍ଚର ସମ୍ମୁଖୀନ ହେଉଛନ୍ତି। ଦୁଇଟି ପ୍ରମୁଖ ସରକାରୀ ଡାକ୍ତରଖାନାରେ ଅତ୍ୟାବଶ୍ୟକ ଔଷଧ ଓ ଚିକିତ୍ସା ସାମଗ୍ରୀର ଅଭାବ ରୋଗୀସେବାକୁ ପ୍ରଭାବିତ କରୁଥିବାରୁ ଏହାର ତୁରନ୍ତ ସମାଧାନ ପାଇଁ ଦାବି ହୋଇଛି। ନିୟମିତ ଔଷଧ ଯୋଗାଣ ସୁନିଶ୍ଚିତ କରିବା ସହ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି।








ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com




ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com